୧୨-୧୮ ଅକ୍ଟୋବର, ୨୦୨୫

ରବିବାର

ସକାଳ
THE SAKALA

# ସିନ୍ଧୁରା

- ଭାରତୀୟ ସଂସ୍କୃତିରେ ସୁନା
- ସଂକଟରେ ଅଧିକ ଚମକେ ସୁନା
- ଭାରତୀୟ ଅର୍ଥନୀତିରେ ସୁନା
- ସୁବର୍ଣ୍ଣ ମୋହ
- ପ୍ରସିଦ୍ଧ ସୁନା ଭଣ୍ଡାର



# ସୁବର୍ଣ୍ଣ ମାୟା



ଭାରତୀୟ ସଂସ୍କୃତିରେ ସୁନା ବା ସୁବର୍ଣ୍ଣର ସ୍ଥାନ ସ୍ୱତନ୍ତ୍ର । ସୁନା ହେଉଛି ପବିତ୍ରତା, ସମୃଦ୍ଧି ଓ ଅସ୍ତିତ୍ୱର ପ୍ରତୀକ । ଧାର୍ମିକ କାର୍ଯ୍ୟ, ପର୍ବପର୍ବାଣି, ସନ୍ତାନ ଜନ୍ମ ଓ ବିବାହରେ ଏହାର ଭୂମିକା ବେଶ୍ ମହତ୍ତ୍ୱପୂର୍ଣ୍ଣ । ଏହା ଧନ ଓ ସୌଭାଗ୍ୟର ପ୍ରତୀକ । ସୁନା କେବଳ ଏକ ମୂଲ୍ୟବାନ ଧାତୁ ନୁହେଁ, ବରଂ ଧନର ଦେବୀ ମା' ଲକ୍ଷ୍ମୀଙ୍କ ରୂପ ମଧ୍ୟ । ଆୟୁର୍ବେଦ ଶାସ୍ତ୍ର ଅନୁସାରେ ଏଥିରେ ଅନେକ ଔଷଧୀୟ ଗୁଣ ରହିଛି । ସେଥିପାଇଁ ଏହାର ଶୁଦ୍ଧତା, ପବିତ୍ରତା ଓ ଦିବ୍ୟତା ପାଇଁ ଯଜ୍ଞ ଓ ଶିବ ଲିଙ୍ଗ ନିର୍ମାଣରେ ଏହାକୁ ବ୍ୟବହାର କରାଯାଏ । ସମୁଦ୍ର ମନ୍ଥନ ସମୟରେ ଉତ୍ପତ୍ତି ହୋଇଥିବାରୁ ଏହା ଅତ୍ୟନ୍ତ ଶୁଭ । ତେଣୁ ଏହାକୁ ବିବାହ, ଜନ୍ମଦିନ ଓ ଅନ୍ୟ ସମାରୋହରେ ଉପହାର ଦେବା ଶୁଭଙ୍କର ବୋଲି କୁହାଯାଏ । ହିନ୍ଦୁ ବିବାହରେ ସୁନା ଆଭୂଷଣ ନିତାନ୍ତ ଆବଶ୍ୟକ । ଏହା ହେଉଛି ନବବଧୂର ଆର୍ଥିକ ସୁରକ୍ଷା, ସମୃଦ୍ଧି, ସଂପତ୍ତିର ପ୍ରତୀକ । ଦୀପାବଳି, ଧନତେରସ୍ ଓ ଅକ୍ଷୟ ତୃତୀୟା ଭଳି ପର୍ବରେ ସୁନା କିଣିଲେ ସୌଭାଗ୍ୟ ପ୍ରାପ୍ତି ଓ ଆର୍ଥିକ ସୁରକ୍ଷା ମିଳିଥାଏ ବୋଲି ଗଭୀର ବିଶ୍ୱାସ ରହିଛି ।

ସୁନା ହେଉଛି ଏକ ସ୍ଥିର ସଂପତ୍ତି । ଆଜିକାଲି ଆର୍ଥିକ ଲାଭ ପାଇଁ ଲୋକେ ସୁନାରେ ଅଧିକ ନିବେଶ କରିବାକୁ ଚାହୁଁଛନ୍ତି । ଭାରତୀୟ ମହିଳାମାନେ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସୁନା ଆଭୂଷଣ ବ୍ୟାପକ ଭାବେ ବ୍ୟବହାର କରିଥାନ୍ତି । ଗତକିଛି ବର୍ଷ ହେବ ଭାରତରେ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଭାରତୀୟ ସଂସ୍କୃତିରେ ସୁନାର ମହତ୍ତ୍ୱ, ସୁବର୍ଣ୍ଣ ଅଳଙ୍କାର ପିନ୍ଧିବାର ନିୟମ, ସୁନା ପ୍ରିୟ ଠାକୁର, ଭାରତର ଅର୍ଥନୀତିରେ ସୁନାର ଭୂମିକା, ଭାରତର ପ୍ରସିଦ୍ଧ ସୁନା ବଜାର ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା :

# ସୁବର୍ଣ୍ଣ ମାୟା

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ



**ମେଷ**

ରବିବାରରେ ଅର୍ଥଚିନ୍ତା ଓ କାର୍ଯ୍ୟହାନି ହୋଇପାରେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ । ଅକସ୍ମାତ୍ ଧନଲାଭ ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ବ୍ୟବସାୟୀମାନେ ଲାଭବାନ ହେବେ । ଶନିବାରରେ ସାଙ୍ଗସାଥୀଙ୍କ ସହ ଭ୍ରମଣ ଯୋଗ ରହିଛି ।




**ବୃଷ**

ରବିବାର ଦିନଟି ସୁଖସନ୍ତୋଷ ଭିତରେ କଟିବ । ସୋମ, ମଙ୍ଗଳ, ବୁଧବାରରେ ବ୍ୟବସାୟୀମାନେ ନୂତନ କାର୍ଯ୍ୟ ପାଇଁ ଯୋଜନା କରିବେ । ଗୁରୁ, ଶୁକ୍ରବାରରେ ପାରିବାରିକ ସହଯୋଗ ପାଇବେ । ଛାତ୍ରଛାତ୍ରୀମାନେ ଉନ୍ନତି ପଥରେ ଆଗେଇବେ । ଶନିବାରରେ କର୍ମକ୍ଷେତ୍ରରେ ବିଷମ ପରିସ୍ଥିତି ରହିବ ।




**ମିଥୁନ**

ରବିବାରରେ ଦୀର୍ଘ ଦିନର ଆଶା ପୂରଣ ହେବ । ସୋମ, ମଙ୍ଗଳ, ବୁଧବାରରେ ପାରିବାରିକ ତିକ୍ତତା ଦେଖାଦେଇପାରେ । ମହିଳାମାନେ ସ୍ୱାଧୀନମନା ହେବେ । ଗୁରୁ, ଶୁକ୍ରବାରରେ ଶତ୍ରୁମାନଙ୍କ କୂଟଚକ୍ରାନ୍ତରେ ପଡ଼ିଯାଇପାରନ୍ତି । ଶନିବାରରେ ଅସାବଧାନତା ଫଳରେ ଦ୍ରବ୍ୟାଦି ହାନି ହୋଇପାରେ ।



**କର୍କଟ**

ରବିବାରରେ ବିଭିନ୍ନ ଉପାୟରେ ଉପାର୍ଜନ ବୃଦ୍ଧି କରିବାକୁ ଚେଷ୍ଟା କରିବେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ନିଷ୍ଠାପର ଭାବରେ କାର୍ଯ୍ୟ କରିବେ । ଗୁରୁ, ଶୁକ୍ରବାରରେ ଲୋକସମ୍ପର୍କ ବୃଦ୍ଧି ପାଇବ । ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବେ ।



**ସିଂହ**

ରବିବାରରେ ପୂର୍ବ କଥାକୁ ନେଇ ଦୁଶ୍ଚିନ୍ତାରେ ରହିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ପରିବାର ସହ ଅଧିକ ସମୟ ବିତାଇବେ । ଗୁରୁ, ଶୁକ୍ରବାରରେ ଅନ୍ୟ ଉପରେ ଆବଶ୍ୟକତାଠାରୁ ଅଧିକ ଭରସା କରନ୍ତୁ ନାହିଁ । ଶନିବାରରେ ଛାତ୍ରଛାତ୍ରୀମାନଙ୍କ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରାର ଯୋଗ ରହିଛି ।



**କନ୍ୟା**

ରବିବାରରେ ପାରିବାରିକ ସମସ୍ୟାର ସମାଧାନ ହେବ । ସୋମ, ମଙ୍ଗଳ, ବୁଧବାରରେ ଅତିଥିଙ୍କ ଆଗମନରେ ମନ ଉତ୍ସାହିତ ରହିବ । ଗୁରୁ, ଶୁକ୍ରବାରରେ ପରିଶ୍ରମର ଉଚିତ ଫଳ ପାଇବେ । ଜୀବନରେ ଭିନ୍ନ ମୋଡ଼ ଦେଖାଦେବ । ଶନିବାରରେ କର୍ମକ୍ଷେତ୍ରରେ ନିଜ ପ୍ରତିଭାର ପ୍ରମାଣିତ କରିବେ ।



**ତୁଳା**

ରବିବାରରେ ବିଭିନ୍ନ କଠିନ ପରିସ୍ଥିତିରେ ସମ୍ମୁଖୀନ ହୋଇପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ଅସହାୟ ବ୍ୟକ୍ତିଙ୍କୁ ସହଯୋଗ କରି ଆତ୍ମସନ୍ତୋଷ ପାଇବେ । ଗୁରୁ, ଶୁକ୍ରବାରରେ ନକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରନ୍ତୁ ନାହିଁ । ଶନିବାରରେ ମହିଳାମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ।



**ବିଛା**

ରବିବାରରେ କୌଣସି ବିଷୟକୁ ନେଇ ଚିନ୍ତାରେ ରହିବେ । ସୋମ, ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ । ଭୂସମ୍ପତ୍ତି ଆଦି କ୍ରୟ କରିବାର ଯୋଗ ରହିଛି । ଗୁରୁ, ଶୁକ୍ରବାରରେ ମହିଳାମାନେ ରକ୍ଷଣଶୀଳା ହେବେ । ଶନିବାରରେ କାର୍ଯ୍ୟରେ ମନ୍ଥରତା ଦେଖାଦେଇପାରେ ।



**ଧନୁ**

ରବିବାରରେ ଆଶା ନିରାଶରେ ବଦଳିଯିବାରୁ ମାନସିକ ଅଶାନ୍ତିରେ ରହିବେ । ସୋମ, ମଙ୍ଗଳ, ବୁଧବାରରେ ଅର୍ଥାଭାବ ପରିଲକ୍ଷିତ ହୋଇପାରେ । ଗୁରୁ, ଶୁକ୍ରବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଶନିବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଭାର ଅଧିକ ରହିପାରେ ।



**ମକର**

ରବିବାରରେ କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ଦେଖାଦେବ । ସୋମ, ମଙ୍ଗଳ, ବୁଧବାରରେ ଧର୍ମାଦି କାର୍ଯ୍ୟରେ ସମୟ ଅତିବାହିତ କରିବେ । ଗୁରୁ, ଶୁକ୍ରବାରରେ ଭବିଷ୍ୟତ ଯୋଜନା ଫଳପ୍ରସୂ ହୋଇପାରେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ । ଶନିବାରରେ ଅର୍ଥଚିନ୍ତା କଷ୍ଟ ଦେଇପାରେ ।



**କୁମ୍ଭ**

ରବିବାରରେ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ସୋମ, ମଙ୍ଗଳ, ବୁଧବାରରେ ଜୀବନସାଥୀଙ୍କଠାରୁ ସଂପୂର୍ଣ୍ଣ ସହଯୋଗ ପାଇବେ । ଗୁରୁ, ଶୁକ୍ରବାରରେ ଛାତ୍ରାଛାତ୍ରୀ ପରୀକ୍ଷାରେ ଭଲ ଫଳାଫଳ ପାଇବେ । ଶନିବାରରେ ସମାଜରେ ମାନମର୍ଯ୍ୟାଦା ବୃଦ୍ଧି ପାଇବ ।



**ମୀନ**

ରବିବାରରେ ଧୈର୍ଯ୍ୟର ସହ କାର୍ଯ୍ୟ କରନ୍ତୁ । ସୋମ, ମଙ୍ଗଳ, ବୁଧବାର ଅନାବଶ୍ୟକ ଯୁକ୍ତିରୁ ଦୂରେଇ ରୁହନ୍ତୁ । ଗୁରୁ, ଶୁକ୍ରବାରରେ ବନ୍ଧୁଙ୍କ ସହଯୋଗ ପାଇବେ । ଛାତ୍ରଛାତ୍ରୀ ଲେଖାପଢ଼ାରେ ମନୋନିବେଶ କରିବେ । ଶନିବାରରେ ବ୍ୟବସାୟୀମାନେ ଦୂରଯାତ୍ରା କରି ଲାଭାନ୍ୱିତ ହେବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



# ଭାରତୀୟ ସଂସ୍କୃତିରେ ସୁନା





ପଣ୍ଡିତ ଦୈତ୍ୟାରି ମହାପାତ୍ର

**ଶରୀର ଯଦି ଏକ ମନ୍ଦିର ହୁଏ, ତେବେ ସୁନା, ରୁପା, ମୋତି, ମାଣିକ ହେଉଛି ତା'ର ଶକ୍ତି । ତନ୍ମଧ୍ୟରୁ ସୁନା ହେଉଛି ଅନ୍ୟତମ । ସମସ୍ତ ଧାତୁମାନଙ୍କ ମଧ୍ୟରୁ ସୁନା ହେଉଛି ପରାଶକ୍ତି । ସାଧାରଣତଃ ଏହା ଶରୀରକୁ ଉର୍ଜା ଓ ଶାନ୍ତି ପ୍ରଦାନ କରିଥାଏ । ସୁନା, ରୁପାକୁ ଶରୀରର ବିଭିନ୍ନ ଅଙ୍ଗରେ ପିନ୍ଧାଯାଏ । ସଧବା ସତୀ ସ୍ୱାଧୀ ନାରୀମାନଙ୍କର ସୁନା ଅତ୍ୟନ୍ତ ପ୍ରିୟ । ଏହା ବିଶେଷ କରି ମଥା, କାନ, ନାକ, ବେକ, ଅଣ୍ଟା ଆଦି ଅଙ୍ଗରେ ପିନ୍ଧାଯାଏ ।**

ଶାସ୍ତ୍ର ଅନୁସାରେ ସୁନା ଏକ ଗରମ ଧାତୁ । ତାହା ସକଳ ଶକ୍ତିର ଆଧାର ସୂର୍ଯ୍ୟଙ୍କ ଭଳି ଶକ୍ତି ଓ ତେଜ ପ୍ରଦାନ କରିଥାଏ। ଏଥି ସହିତ ପ୍ରତିଷେଧକ ଶକ୍ତି ବଢ଼ାଇ ଥାଏ । ମନ ଓ ଆତ୍ମା ମଧ୍ୟରେ ସଂଯୋଗ ସୃଷ୍ଟି କରେ । ଏହା କେବଳ ଐତିହ୍ୟ, ରୀତିନୀତି କିମ୍ବା ଶୃଙ୍ଗାରରେ ସୀମିତ ନୁହେଁ, ବରଂ ଏହାକୁ ପିନ୍ଧିବା ପଛରେ ବୈଜ୍ଞାନିକ ଓ ଆଧ୍ୟାତ୍ମିକ କାରଣ ରହିଛି ।

ଚାନ୍ଦି ଚନ୍ଦ୍ର ଭଳି ଶୀତଳ । ସୁନା ସୂର୍ଯ୍ୟ ଭଳି ତେଜିଆନ ଓ ଶୁଭଙ୍କର । ଏହା ମନ ଓ ଶରୀରକୁ ଶାନ୍ତି ପ୍ରଦାନ କରିଥାଏ। ମନକୁ ସ୍ଥିର କରିବା ସହିତ ମାନସିକ ସନ୍ତୁଳନ ବଜାୟ ରଖିଥାଏ। ହିନ୍ଦୁ ଶାସ୍ତ୍ର ଅନୁସାରେ ସୁନା ହେଉଛି ଶରୀର, ମନ ଏବଂ ଆତ୍ମା ପାଇଁ ଶକ୍ତିର ଏକ ବଳିଷ୍ଠ ମାଧ୍ୟମ। ପ୍ରାଚୀନ ଭାରତୀୟ ବିଜ୍ଞାନୀମାନଙ୍କ ମତରେ ଶାରୀରିକ, ମାନସିକ ଏବଂ ସ୍ୱାସ୍ଥ୍ୟର ଶକ୍ତିବର୍ଦ୍ଧନ ପାଇଁ ସୁନା ହେଉଛି ବଳିଷ୍ଠ ମାଧ୍ୟମ।

## ଇତିହାସ, କିମ୍ବଦନ୍ତୀ ଓ ପୁରାଣରେ ସୁବର୍ଣ୍ଣ

ସୁନା ବା ସୁବର୍ଣ୍ଣ ପ୍ରତି ମନୁଷ୍ୟର ଆକର୍ଷଣ କିଭଳି ହେଲା ତାହାର ଦୃଷ୍ଟାନ୍ତ ହେଉଛି ପୃଥିବୀର ପ୍ରାଚୀନତମ ସୁନା ଖଣିଗୁଡ଼ିକର ଜ୍ୱଳନ୍ତ ଦୃଷ୍ଟାନ୍ତ। ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀରେ ଗୁପ୍ତ ସମ୍ରାଟମାନଙ୍କ ଦ୍ୱାରା କର୍ଣ୍ଣାଟକରେ ଖନନ କରାଯାଇଥିଲା ଏକ ସୁନା ଖଣି । ଯାହାର ଗଭୀରତା ଥିଲା ଶ୍ୱାସ ରୁଦ୍ଧକାରୀ ଗୁମ୍ଫାର ଗଭୀରତା ୧୮୦ ଫୁଟ । ଯେତେ ଦୁର୍ଲଭ ହେଲେ ମଧ୍ୟ ଏଭଳି ଦୁର୍ବାର ମୋହ କାରଣରୁ ସୁନାର ଆକର୍ଷଣ ବା ବ୍ୟବସାୟ ନିଷ୍ପ୍ରଭ ହେବାର ସମ୍ଭାବନା ନାହିଁ।

ଖଣିଜ ଭାବେ ସୁବର୍ଣ୍ଣ ଉତ୍ତୋଳନ ଓ ତା'ର ବ୍ୟବହାର ଏହି ଭୂଖଣ୍ଡରେ ଅତ୍ୟନ୍ତ ପ୍ରାଚୀନ। ହରପ୍ପା ସଭ୍ୟତାରେ ପ୍ରଥମେ ସୁନାର ପ୍ରଚଳନ ଥିଲା ଏବଂ ଋଗ୍ ବେଦରେ ମଧ୍ୟରେ ସୁନା ବ୍ୟବହାର ସଂପର୍କରେ ବର୍ଣ୍ଣନା କରାଯାଇଅଛି । ସୁନାର ବ୍ୟବହାରରେ ଭାରତ ପୃଥିବୀର ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ର, ଅଥଚ ଏହାର ପ୍ରମୁଖ ଅଂଶ ଆମଦାନୀ କରାଯାଇଥାଏ। 'ୱର୍ଲଡ ଗୋଲ୍ଡ କାଉନ୍ସିଲ୍' ବା 'ଡବ୍ଲୁ.ଜି.ସି.'ର ଆକଳନ ଅନୁସାରେ ଚଳିତ ବର୍ଷ ଭାରତୀୟମାନେ ୮୫୦ ମେଟ୍ରିକ୍ ଟନ୍ ଓଜନର ସୁନା କ୍ରୟ କରିଥିଲେ। ଚଳିତ ବର୍ଷ ଭାରତର ସୁନା ଖଣିରୁ ଉପଲବ୍ଧ ହୋଇଛି ମାତ୍ର ୧.୩୮ ଟନ୍ ସୁନା। ଏଥିରୁ ହୃଦ୍‌ବୋଧ ହୋଇଥାଏ ଯେ, ଅନ୍ତର୍ଜାତୀୟ ବଜାରରେ ଦର ବୃଦ୍ଧି ସହିତ ଭାରତରେ ଚାହିଦା ବୃଦ୍ଧି ସଂଯୁକ୍ତ ହୋଇଗଲେ ଆମ








ଦେଶରେ ସୁନା ଦରରେ ତୁଳନାତ୍ମକ ଭାବେ ଅଧିକ ବୃଦ୍ଧି ଘଟିବା ନିଶ୍ଚିତ। ବିଡ଼ମ୍ବନା ହେଲା ଯେ, ସୁନା ଦୁର୍ମୂଲ୍ୟ ହୋଇ ଚାଲିଥିବା ହେଉଛି କେତେକ ପାରମ୍ପରିକ ବିଶ୍ୱାସ, ସାମାଜିକ-ସାଂସ୍କୃତିକ ଆବଶ୍ୟକତା ବା ଅନିବାର୍ଯ୍ୟତା କାରଣରୁ ମଧ୍ୟମ ଓ ନିମ୍ନବର୍ଗର ଭାରତୀୟମାନେ ସୁନା କ୍ରୟରେ ପ୍ରବୃତ୍ତ ରହୁଛନ୍ତି।

ସୁବର୍ଣ୍ଣ ମୃଗ ଲାଭ କରିବା ଭଳି ଦେବୀ ସୀତାଙ୍କ ଅଭିଳାଷ ହେଉ ବା ରାବଣର ସ୍ୱର୍ଣ୍ଣ ଲଙ୍କାର ଦହନ ହେଉ ବିଭିନ୍ନ ଉପାଖ୍ୟାନରେ ସୁବର୍ଣ୍ଣ ପ୍ରତି ରହିଥିବା ଅତୁଲ୍ୟ ଆକର୍ଷଣ ବା ସୁନା ଦ୍ୱାରା ଅହମିକା ପ୍ରଦର୍ଶନର ଦୃଷ୍ଟାନ୍ତ ପୌରାଣିକ ଆଖ୍ୟାନଗୁଡ଼ିକରେ ତ୍ରେତୟା ଯୁଗରୁ ରହିଆସିଛି। ସମୃଦ୍ଧ ସମ୍ରାଟମାନେ ସୁବର୍ଣ୍ଣ ମୁଦ୍ରା, ସୁବର୍ଣ୍ଣ ସିଂହାସନ, ସୁନାର ଆସବାବପତ୍ର ଓ ବାସନକୁସନ ଇତ୍ୟାଦି ବ୍ୟବହାର କରୁଥିବା ବିଷୟ ଇତିହାସରେ ଉଲ୍ଲିଖିତ। ଖ୍ରୀଷ୍ଟୀୟ ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀରେ ସୁଦୂର ରୋମ୍‌ରୁ ଆସୁଥିବା ବ୍ୟବସାୟୀମାନେ ଭାରତରୁ ବିଭିନ୍ନ ଦ୍ରବ୍ୟ କ୍ରୟ କଲା ବେଳେ ଯେଉଁ ସୁନା ହରମୋନ ଦେଉଥିଲେ, ତାକୁ ତରଳାଇ କୁଶାଣ ସାମ୍ରାଜ୍ୟରେ ସୁବର୍ଣ୍ଣ ମୁଦ୍ରାର ପ୍ରଚଳନ କରାଯାଉଥିଲା।



ଗୁପ୍ତ ଯୁଗରେ କର୍ଣ୍ଣାଟକର କୋଲାର ଅଞ୍ଚଳର ଖଣିରୁ ସୁନା ଉତ୍ତୋଳନ କରାଯାଉଥିଲା। ପୃଥିବୀର ପ୍ରାଚୀନତମ ସୁନା ଖଣି ମଧ୍ୟରୁ ଅନ୍ୟତମ କର୍ଣ୍ଣାଟକର 'ହୁଟି'ଠାରେ ଅବସ୍ଥିତ। ଯାହା କାର୍ବନ୍ ଡେଟିଂ ଅନୁସାରେ ୧୯୦୦ ବର୍ଷ ପ୍ରାଚୀନ ବୋଲି ଜଣାଯାଇଥାଏ। କେବଳ ଭାରତ ନୁହେଁ, ସମଗ୍ର ପୃଥିବୀରେ ସୁନା ପ୍ରତି ଆକର୍ଷଣ ଯୁଗ ଯୁଗ ଧରି ରହି ଆସିଛି।

ଷୋଡ଼ଶ ଶତାବ୍ଦୀରେ ଦକ୍ଷିଣ ଆମେରିକାର ଜଙ୍ଗଲରେ 'ଓରିନୋକୋ' ନଦୀ ତୀରରେ ଏକ ସୁବର୍ଣ୍ଣ ସହର ଓ ତାହାକୁ ରାଜୁତି କରୁଥିବା ଜଣେ ସୁବର୍ଣ୍ଣ ମନୁଷ୍ୟର ଗୁଜବ ପୃଥିବୀ ସାରା ଏଭଳି ରଟି ଯାଇଥିଲା ଯେ, ସେହି ସୁବର୍ଣ୍ଣ ସହର 'ଏଲ୍ ଡରାଡୋ'ର ସନ୍ଧାନରେ ଅନେକ ସ୍ପେନୀୟ ନାବିକ ଅଥଳ ସାଗରରେ ପୋତ ମେଲି ଦେଇଥିଲେ। ଏଭଳି କରୁଣ କାହାଣୀ ୟୁରୋପୀୟ ଇତିହାସରେ ଉଲ୍ଲେଖ ଅଛି।



## ସଂସ୍କୃତିରେ ଗହଣା

ଓଡ଼ିଶା ପୁରାତନ କାଳରୁ କଳା, ଭାସ୍କର୍ଯ୍ୟ ଓ ତାରକସି କାମରେ ସୁନାମ ଅର୍ଜନ କରିଆସୁଅଛି। ଭାରତୀୟ ନରନାରୀ ବିଭିନ୍ନ ପ୍ରକାର ଅଳଙ୍କାର ଦ୍ୱାରା ନିଜର ଅଙ୍ଗ ସଜ୍ଜା କରୁଛନ୍ତି। ତା' ପଛରେ ରହିଛି ଅନେକ ଇତିହାସ ଓ କିମ୍ବଦନ୍ତୀ। ଓଡ଼ିଶାରେ ପୁରାକାଳରୁ ମନ୍ଦିର ଗାତ୍ରରେ ମୂର୍ତ୍ତିଗୁଡ଼ିକରେ ନାନାଦି ଗହଣା ଦେଖିବାକୁ ମିଳିଥାଏ। ମାରୀଚିଙ୍କର ଅନେକ ମୂର୍ତ୍ତି ରତ୍ନଗିରି ଆଦି ଅଞ୍ଚଳରୁ ଆବିଷ୍କାର କରାଯାଇଛି । ସାଧନା ଓ ସାଧନାମାଳାରେ ଏହି ପ୍ରକାର ମୂର୍ତ୍ତିକୁ ଓଡ଼ିଆଣ-ମାରିଚୀ ନାମରେ ନାମିତ କରାଯାଇଛି। ପାରମ୍ପରିକ ଭାବେ ମୁକୁଟ ସମୂହ ରାଜରାଜୁଡ଼ାଙ୍କ ଦେଇ ପିନ୍ଧା ଯାଉଥିଲା । ଯାଜପୁରଠାରେ ରାଣୀ ଇନ୍ଦ୍ରାଣୀଙ୍କ ଦେଇ ପିନ୍ଧା ଯାଉଥିବା ମୁକୁଟ ସବୁଠୁ ଅଧିକ ଦାମର ଥିଲା ବୋଲି କିମ୍ବଦନ୍ତୀରୁ ଜଣାଯାଏ । କୁଣ୍ଡଳ ଓ ନୋଳି ଆଦି ଅଳଙ୍କାର ଉଭୟ ପୁରୁଷ ଓ ନାରୀମାନେ ପିନ୍ଧୁଥିଲେ। ଓଡ଼ିଶାରେ ବିଭିନ୍ନ ରକମର ଅଳଙ୍କାର ତିଆରି ହୁଏ । କଟକର ତାରକସି କାମ ଓଡ଼ିଶା ପ୍ରସିଦ୍ଧ ଅଟେ। ଉଭୟ ଧନୀ ଗରିବ ଅଳ୍ପ ବାହୁରେ ଆଳୀ ଅଳଙ୍କାର ଧାରଣ କରିଥାନ୍ତି।

## ନାରୀମାନଙ୍କ ଗହଣା

ଆଗ କାଳରେ ଧନୀ ଘରର ନାରୀମାନେ ସୁନା ଗହଣା ପିନ୍ଧୁଥିଲାବେଳେ, ଅପେକ୍ଷାକୃତ ଗରିବ ଘରର ନାରୀମାନେ ରୁପାର ଗହଣା ପିନ୍ଧୁଥିଲେ। ରାଜା ଓ ଜମିଦାର ଘରର ନାରୀମାନେ ହୀରା, ନୀଳା, ମୋତି, ମାଣିକ୍ୟାଦି ମୂଲ୍ୟବାନ ପଥର ଖଚିତ ଗହଣା ପିନ୍ଧୁଥିଲେ। ସେମିତି ଗରିବ ପରିବାରର ନାରୀମାନେ କାଇଁଚ ଫଳ, ଶଙ୍ଖ, ସିପ ଓ ରଙ୍ଗୀନ ପଥରର ଗହଣା ପିନ୍ଧୁଥିଲେ।

ନାରୀମାନେ ଗୋଡ଼ ଆଙ୍ଗୁଠିରେ ପିନ୍ଧୁଥିବା ମୁଦିଗୁଡ଼ିକର ଅଲଗା ଅଲଗା ନାମ ଅଛି। ଯଥା - ଚିଙ୍ଗୁଡ଼ି ଚୋପା ବୁଢ଼ା ଆଙ୍ଗୁଠିରେ ପିନ୍ଧା ହୁଏ।



ମଲ୍ଲିଫୁଲ ମଝି ଆଙ୍ଗୁଠିରେ ପିନ୍ଧା ହୁଏ। ପାନପତ୍ରୀ ବିଶି ଆଙ୍ଗୁଠିରେ ପିନ୍ଧା ହୁଏ । ମଲ୍ଲି କଢ଼ ସାନ ଆଙ୍ଗୁଠିରେ ପିନ୍ଧା ହୁଏ। ଚିଡ଼ିଆ, ସେବତୀ ଫୁଲ, ମାଛ, ଝୁଣ୍ଟିଆ ଇତ୍ୟାଦି। ସେହିପରି ନାରୀମାନେ ଗୋଡ଼ରେ ନାନା ପ୍ରକାରର ଅଳଙ୍କାର ଧାରଣ କରିଥାନ୍ତି। ଯଥା - ଝୁଣ୍ଟିଆ, ମଲ୍ଲି କଢ ଝୁଣ୍ଟିଆ, ଆଠବାଙ୍କି, ବଳା ନୁପୂର, କମଚକି, ବାଙ୍କିଆ, ଗୋଡ଼ ଖଡୁ, ଚୁପୁଲି, ଚକବାଙ୍କି, ଗଣ୍ଠିବଳା, ଝୁଣ୍ଟିଆ, ବାଜେଣି, ପଞ୍ଝମ, ଝମକ, ରୂପା କଡା, ସାଦା ମଲ୍ଲ, ଆଇଁଷବାଡ଼ି ମଲ୍ଲ, ପାପଦ୍ମ, ପାହୁଡ଼, ମଲ୍ଲ ପାହୁଡ଼, ଫୁଲ ପାହୁଡ଼, ରୂପା ବଳା । ପାଉଁଜିକୁ ପାଦରେ ପିନ୍ଧା ଯାଇଥାଏ । ବିଭିନ୍ନ ପ୍ରକାରର ପାଉଁଜି ଦେଖିବାକୁ ମିଳେ । ଯଥା - ବାଘ ନଖି, ମଲ୍ଲି କଢ, ବିଛା, ଠିକିରି, ଚିଡ଼ିଆ ଇତ୍ୟାଦି। ନାରୀମାନଙ୍କ ପରି ପୁରୁଷମାନେ ମଧ୍ୟ ଗୋଡ଼ରେ ବିଭିନ୍ନ ପ୍ରକାରର ପାଉଁଜି ପିନ୍ଧିଥାନ୍ତି । ଯଥା - ପାଦରେ (କ୍ରମାନ୍ୱୟରେ ଉପରୁ ତଳକୁ) କିଙ୍କିଣୀ, ପାହୁଡ଼, ପାଝୁଲି ଇତ୍ୟାଦି।

ନାରୀମାନେ ଅଣ୍ଟାରେ ଚନ୍ଦ୍ରହାର, ସୂର୍ଯ୍ୟହାର, ବିଛା, କିଙ୍କିଣି, କମର ପଟା, କାଂଛି, ମେଖଳା, ଗୋଠ, ଶିକୁଳି, ଅଣ୍ଟାସୂତା ଇତ୍ୟାଦି ଅଳଙ୍କାର ଧାରଣ କରିଥାନ୍ତି। ସେହିପରି ନାରୀମାନେ ହାତ ଆଙ୍ଗୁଳିରେ ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧିଥାନ୍ତି। ଯଥା - ହାତ ପଦ୍ମ, ହାଣ୍ଡିବସା ମୁଦି, ମୁଦି- ମଲ୍ଲି କଢ, ପାନ ପତରୀ, ଚିଙ୍ଗୁଡି ଚୋପା ଇତ୍ୟାଦି। ସେଭଳି ନାକରେ ଦଣ୍ଡି, ନୋଡ଼କ, ନାକଚଣା, ନୋଥ, ଚକର ନୋଥ, ଗୁଣା, ଫୁଲଗୁଣା, ବାଟମୟୁରଗୁଣା, ବସଣି, ଚିମ ଇତ୍ୟାଦି ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧିଥାନ୍ତି । ମଥାରେ ମଥାମଣି, ଅଳକା, ପାନପତ୍ରୀ, କେତକୀ, ଚନ୍ଦ୍ରଝୁମ୍ପି, ଚନ୍ଦ୍ରସୂର୍ଯ୍ୟ, ରାଗେଳିଚନ୍ଦ୍ର, ଗୋଜିକାଠି, ପିହଣିଆ, ପାନିଆଁ, ଝରାକାଠି, ମତାମରି, ଝରାମୋତି, କୁସୁମଝର, ଝିଲିମିଲି, ଝରକା, ସୁନ୍ଥା, ଚିତା, ପାନ କେତକୀ ଇତ୍ୟାଦି ପିନ୍ଧି ଥାଆନ୍ତି ।

ନାରୀମାନେ ଆମ ସମାଜରେ ନିଜର ସୌନ୍ଦର୍ଯ୍ୟ ଏବଂ ଶ୍ରୀ ବୃଦ୍ଧି ପାଇଁ ବେକରେ ଚମ୍ପା କଢ଼ି ହାର, ଚନ୍ଦ୍ର ହାର, ହରଡ଼, ଫାଳିଆ, ବେଲପତ୍ରୀ, ସୋରିଷିଆ, ଗୋପ ହାର, କୁରୁଜାତକ, ଛେଚା କଣ୍ଠି, ଚାପସରି, ସୋରିଷିଆ ମାଳି, ଧାନୁଆ ମାଳି, ପତୁରିମାଳି, ବେଲପତ୍ରି ମାଳି, ଶ୍ରୀରାମ ମାଳି, କୁରୁଜାତକ ମାଳି, ସୁଉକି ମାଳି, ଦୋଷରି ମାଳି, ଡଙ୍କି ମାଳି, ହରଡ଼ଫାଳିଆ ମାଳି, ପଦକ, ପୁଷ୍କରା, ବାଘ ନଖି ମାଳି ଇତ୍ୟାଦି ଅଳଙ୍କାର ପିନ୍ଧିଥାନ୍ତି।

ନାରୀମାନେ ଆମ ସଂସ୍କୃତିରେ କାନରେ ପେଣ୍ଡି ଫୁଲ, ଫାସିଆ, ନୋଳି, କାନଫୁଲ, ନାହୁଲ, ଗଣ୍ଠିଆ, ଲବଙ୍ଗଫୁଲ, କାପ, ବାଳିଗୁଣା, ଚନ୍ଦ୍ର ବାଉଳି, ମଲ୍ଲି କଢ଼ି, ବବେଣ୍ଟଲା, ନୋଳି, କୁଣ୍ଡଳ, ତାଟଙ୍କ, ବବାଲି, ବଜ୍ର ମଲ୍ଲକଢ଼ି, ଚମ୍ପା, ଗୋଖର, ଟୈକି, ସାଫିଆ ଇତ୍ୟାଦି ବିଭିନ୍ନ ପ୍ରକାରର ଅଳଙ୍କାର ପିନ୍ଧିଥାନ୍ତି।








## ପୁରୁଷମାନଙ୍କ ଗହଣା

ପୁରାକାଳରେ ନାରୀମାନଙ୍କ ପରି ଓଡ଼ିଶାର ପୁରୁଷମାନେ ନିଜ ଦେହକୁ ସଜେଇବାରେ ମଧ୍ୟ ପଛାଉ ନଥିଲେ। ମୁଣ୍ଡରେ ଲମ୍ବା ଚୂଳ ରଖି ତାକୁ ଚଉଁରି କାଠିରେ ବାନ୍ଧି ବେଣୀ କରୁଥିଲେ ଓ ଆପାଦମସ୍ତକ ନାନାଦି ଅଳଙ୍କାର ଧାରଣ କରୁଥିଲେ। ଏମିତି ଅଙ୍ଗ ସଜ୍ଜା କେତେକାଂଶରେ ନାରୀ ଓ ପୁରୁଷମାନଙ୍କର ସମାନ ଥିଲା। ପୁରୁଷମାନେ ମଧ୍ୟ ନାନାଦି ଅଳଙ୍କାରର ପରିଧାନ କରୁଥିଲେ।

ନାରୀମାନଙ୍କ ପରି ପୁରୁଷମାନେ ମଧ୍ୟ ଗୋଡ଼ରେ ଆଙ୍ଗୁଠି ମୁଦି, ଗୋଡ଼ ଅଳଙ୍କାର ଇତ୍ୟାଦି ଧାରଣ କରିଥାନ୍ତି। ସେହିପରି ପୁରୁଷମାନେ ଅଣ୍ଟାରେ (କ୍ରମାନ୍ୱୟରେ ଉପରୁ ତଳକୁ) ଅଣ୍ଟା ପାଟିଆ, ଚନ୍ଦ୍ର ହାର, ପଡ଼ି ରାଗିଡ଼ି (ନିତମ୍ବ ଉପରେ), ଓଲମାଳ (ଏହା ଅଣ୍ଟାରୁ ତଳକୁ ଆଣ୍ଠୁ ପର୍ଯ୍ୟନ୍ତ ଝାଲ ପରି ଓହଳିଥାଏ) ଇତ୍ୟାଦି ଅଳଙ୍କାର ଧାରଣ କରିଥାନ୍ତି। ସେହିପରି ପୁରୁଷମାନେ ହସ୍ତରେ ବାହୁରେ (କ୍ରମାନ୍ୱୟରେ ଉପରୁ ତଳକୁ), ବାଜୁବନ୍ଧ, କିରିଟୀ ବାଜୁବନ୍ଧ, କିଙ୍କିଣୀ, ଠିକ୍ ସେହିପରି ହାତରେ (କ୍ରମାନ୍ୱୟରେ ଉପରୁ ତଳକୁ) ବଜ୍ରବନ୍ଧ, ବାଲା, ବଟଫଳ, ବାହୁଚୁଡ଼ି ଆଦି ଅଳଙ୍କାର ଧାରଣ କରିଥାନ୍ତି। ହାତ ଆଙ୍ଗୁଠିରେ ମୁଦି, ହସ୍ତପଦ୍ମ, ହାଣ୍ଡି ମୁଦି (ଗରିବମାନେ) ଆଦି ଧାରଣ କରିଥାନ୍ତି।

ନାରୀମାନଙ୍କ ପରି ପୁରୁଷମାନେ ମଧ୍ୟ କ୍ରମାନ୍ୱୟରେ ଉପରୁ ତଳକୁ ବେକରେ ବେକ ଚାପୁଆଣି, ପଦକ, ହାର, ଦାନ୍ତମାଳି, ହରଡ଼ଫାଳି, ଧାନୁଆ ମାଳି,କସୋରିଷ ମାଳି, ଖାସୁଲ ସେବତୀ, ମାଳି, ପଦ୍ମକଢ଼ି ମାଳି, ଝାଲର, ପଦକ ଇତ୍ୟାଦି ଅଳଙ୍କାର ପିନ୍ଧୁଥିଲେ। ସେହିପରି ପୁରୁଷମାନେ କାନରେ ସୁନାକାନ, କାପ, କାପଶିକୁଳି, ଝୁମୁକା, ପେଣ୍ଡି ଏବଂ ସୁନାକାନ ତଳକୁ ପୁରୁଷମାନେ କାନ କଣାରେ କାପ, କାପଶିକୁଳି, କାପ ଦେହରେ ଝୁମୁକା ଓ ଓହଳୁଥିବା ପେଣ୍ଡି ମଧ୍ୟ ଆଗକାଳରେ ପିନ୍ଧୁଥିଲେ। ଆଗକାଳରେ ପୁରୁଷମାନେ ବସଣି ତଳକୁ ଫୁଲ, ନାକପୁଡ଼ା ମଝିରେ ଦଣ୍ଡି ବ୍ୟବହାର କରୁଥିଲେ। ଗରିବ ଲୋକମାନେ ଦଣ୍ଡି ବଦଳରେ ନୋଲକ ପିନ୍ଧୁଥିଲେ।





## ଧନତେରସ୍‌ରେ ସୁନା କିଣିବାର ପରମ୍ପରା

ହିନ୍ଦୁ ଧର୍ମ ଓ ପରମ୍ପରାରେ ଧନତେରସ୍‌କୁ ଏକ ମୁଖ୍ୟ ପର୍ବ ଭାବେ ପାଳନ କରାଯାଏ । ଭାରତର ବିଭିନ୍ନ ପ୍ରାନ୍ତରେ ଏହି ପର୍ବ ପାଳନ କରାଯାଇଥାଏ। ଏହି ଦିନ ସୁନା କିଣିବା ପ୍ରଥା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଅଛି। ଏହା ଦ୍ୱାରା ସୁଖ ସମୃଦ୍ଧି ପ୍ରାପ୍ତ ହୁଏ ବୋଲି ବିଶ୍ୱାସ କରାଯାଏ। ଧନତେରସ୍ ହେଉଛି ଏକ ମହତ୍ୱପୂର୍ଣ୍ଣ ହିନ୍ଦୁ ପର୍ବ। ଏହି ପର୍ବ ପ୍ରତିବର୍ଷ କାର୍ତ୍ତିକ ମାସ ଦୀପାବଳି ଉତ୍ସବର ମାହୋଲରେ ଧାର୍ମୀୟ ଭାବାବେଗରେ ବିଶ୍‌ବାସର ସହିତ ଅନୁଷ୍ଠିତ ହୋଇଥାଏ । ଏହାକୁ ଧନ ଏବଂ ସମୃଦ୍ଧିର ପର୍ବ ବୋଲି ମଧ୍ୟ ମନାଯାଏ । ବିଶ୍ୱାସ କରାଯାଏ ଯେ ଦେବୀ ଲକ୍ଷ୍ମୀ ଠାକୁରାଣୀ ସମୁଦ୍ର ମନ୍ଥନ ସମୟରେ ଏହି ଦିନ ଦୁଗ୍ଧ ସମୁଦ୍ରରୁ ଆବିର୍ଭୂତା ହୋଇଥିଲେ । ମାଆ ଲକ୍ଷ୍ମୀ ଠାକୁରାଣୀ ହେଉଛନ୍ତି ସୁନା ପ୍ରିୟ। ଏହିଦିନ ସୁନା ଅଳଙ୍କାର ଏବଂ ନୂତନ ଜିନିଷ କିଣିବା ଦ୍ୱାରା ଦେବୀ ଲକ୍ଷ୍ମୀ ଠାକୁରାଣୀ ସନ୍ତୁଷ୍ଟ ହୋଇଥାନ୍ତି। ଫଳରେ ଭଣ୍ଡାର ଧନ ଧାନ୍ୟରେ ପରିପୂର୍ଣ୍ଣ ହେବା ସହିତ ଅତ୍ୟନ୍ତ ଶୁଭଙ୍କର ହୋଇଥାଏ। ତେଣୁ ଏହି ଦିନରେ ସୁନା କିଣିବାର ପ୍ରଥା ରହିଆସିଛି ।

ସବୁଠାରୁ ଦାମୀ ଜିନିଷ କିଣିବା ପାଇଁ ଏହି ଦିନ ହେଉଛି ସର୍ବୋତ୍ତମ ଦିନ । ଏହି ଦିନ, ଲୋକମାନେ ପିତ୍ତଳ, ରୁପା ଏବଂ ସୁନାରେ ନିର୍ମିତ ବିଭିନ୍ନ ଜିନିଷ କ୍ରୟ କରନ୍ତି କାରଣ ବିଶ୍ୱାସ କରାଯାଏ ଯେ, ଏହା କରିବା ଦ୍ୱାରା ଭାଗ୍ୟ, ସଫଳତା ମିଳିବା ସହ ଧନଧାନ୍ୟ ଉପରେ କୁଦୃଷ୍ଟି ପଡିନଥାଏ । ଏହି ପୂଜାରେ ଦେବୀ ଲକ୍ଷ୍ମୀଙ୍କ ସହ ଭଗବାନ ଗଣେଶ ଏବଂ ଭଗବାନ କୁବେରଙ୍କୁ ମଧ୍ୟ ପୂଜା ମଧ୍ୟ କରାଯାଏ ।

ହିନ୍ଦୁ ପୁରାଣରେ କୁହାଯାଇଛି, ଏହି ଦିନ ସମୁଦ୍ର ମନ୍ଥନ ସମୟରେ ଆୟୁର୍ବେଦର ପ୍ରଭୁ ଧନ୍ୱନ୍ତରୀଙ୍କ ଉତ୍ପତ୍ତି ହୋଇଥିଲା । ସମସ୍ତ ଦେବତାମାନେ ସମୁଦ୍ର ଓ ସମୁଦ୍ରକୁ ଘୁଞ୍ଚାଇବା ପାଇଁ ସମୁଦ୍ର ମନ୍ଥନ କରିଥିଲେ । ଏହି ମୁହୂର୍ତ୍ତରେ ଧନ୍ୱନ୍ତରୀ ଗୋଟିଏ ହାତରେ ଏକ ହାଣ୍ଡି ଏବଂ ପବିତ୍ର ଆୟୁର୍ବେଦ ଶାସ୍ତ୍ର ଧରିଥିବାର ଦେଖାଯାଇଥିଲା । ଧନ୍ୱନ୍ତରୀ ଦେବତା ଏବଂ ଦେବୀମାନଙ୍କର ଆରୋଗ୍ୟକାରୀ ଭାବରେ ମଧ୍ୟ ପ୍ରସିଦ୍ଧ। ଆୟୁର୍ବେଦର ଭଗବାନ ପ୍ରଥମେ ଧନତେରସ୍ ପୂଜାରେ ଆବିର୍ଭୂତ ହୋଇଥିଲେ, ତେଣୁ ଏହି ଦିନକୁ ଜାତୀୟ ଆୟୁର୍ବେଦ ଦିବସ ଭାବରେ ମଧ୍ୟ ମାନ୍ୟତା ଦିଆଯାଇଛି। ଲୋକମାନେ ଏହି ଦିନ ରଙ୍ଗୋଲି, ଦୀପ ଏବଂ ବିଭିନ୍ନ ଆଲୋକମାଳା ସହିତ ନିଜ ଘରକୁ ମଧ୍ୟ ସଜାଇଥାଆନ୍ତି । ଏହା ସହିତ, ନୂଆ ପୋଷାକ ପରିଧାନ କରିବା ସହ ଦାନ ଧର୍ମ କରିଥାଆନ୍ତି । ଏହି ଦିନ ସୁନା, ପିତ୍ତଳ କିମ୍ବା କାଂସ୍ୟ ସାମଗ୍ରୀ କିଣିବା ଦ୍ୱାରା ସମୃଦ୍ଧି ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ତେଣୁ ଧନତେରସ୍‌ରେ ସୁନା କିଣିବାର ପ୍ରଥା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଅଛି ।

## ଭାରତୀୟଙ୍କ ସୁନା ପ୍ରୀତି

ସୁନା ବ୍ୟବହାରରେ ସର୍ବାଗ୍ରେ ଥିବା ଦେଶଗୁଡ଼ିକ ଭିତରେ ଭାରତ ଅନ୍ୟତମ। ଭାରତୀୟ ସମାଜରେ ସୁନା କେବଳ ବିତ୍ତଶାଳୀଙ୍କ ପରିଚୟ ନୁହେଁ, ଏହା 'ଶିରୀ' ବା 'ଲକ୍ଷ୍ମୀ ଠାକୁରାଣୀ'ଙ୍କ ପ୍ରତୀକ ମଧ୍ୟ। ଅପରପକ୍ଷରେ ଚୀନ୍ ହେଉଛି ପୃଥିବୀର ସର୍ବାଧିକ ସୁନା ବ୍ୟବହାର କରୁଥିବା ଦେଶ। ସେଠାରେ ବାର୍ଷିକ ହାରାହାରି ୯୮୪ ଟନ୍ ସୁନାର କିଣାବିକା ହୋଇଥାଏ। ଚୀନ ପଛକୁ ରହିଛି ଭାରତ। ଭାରତରେ ସୁନାର ବ୍ୟବହାର ମଧ୍ୟ ବିଶାଳ। ଭାରତର ବାର୍ଷିକ ହାରାହାରି ୮୦୦ ଟନ୍ ଓଜନର ସୁନା ଆମଦାନୀ କରିଥାଏ। ଭାରତର ନିଜସ୍ୱ ସୁନା ଉତ୍ପାଦନ ପରିମାଣ ନାମକୁ ମାତ୍ର, ଯାହା ବର୍ଷକୁ ଗୋଟିଏ କ୍ୱିଇଣ୍ଟାଲ ବି ନୁହେଁ। ତେଣୁ ସୁନା ଚାହିଦା ମେଣ୍ଟାଇବା ପାଇଁ ଭାରତ ଅନ୍ୟ ଦେଶରୁ ସୁନା ଆମଦାନୀ କରିଥାଏ ଏବଂ ଭାରତ ତା'ର ବିଦେଶୀ ମୁଦ୍ରା ଭଣ୍ଡାରର ଏକ ବିରାଟ ଅଂଶ କେବଳ ସୁନା କ୍ରୟରେ ହିଁ ବ୍ୟୟ କରିଥାଏ।

ଭାରତୀୟ ନାଗରିକମାନେ ମୁଖ୍ୟତଃ ଅଳଙ୍କାର ପାଇଁ ସୁନା କିଣିଥାନ୍ତି। ସୁନାର ଆଭୂଷଣ ଫେସନ୍ ଅଭିବ୍ୟକ୍ତି ରୂପେ ଅଥବା 'ଷ୍ଟାଟସ୍' ବା ସଂପନ୍ନତାର ପ୍ରତୀକ ଭାବେ କିମ୍ବା ବିବାହର ମର୍ଯ୍ୟାଦା ବୃଦ୍ଧି ସକାଶେ ବା ବିଭିନ୍ନ ଧର୍ମୀୟ କର୍ମକାଣ୍ଡରେ ବିରଳ ଧାତୁ ଭାବେ ଲୋଡ଼ା ଯାଇଥାଏ। ଭାରତରେ ଶତକଡ଼ା ୬୫ ଭାଗରୁ ଅଧିକ ଲୋକ ଗହଣା ପାଇଁ ସୁନା କିଣିଥାନ୍ତି । ପାରିବାରିକ ଉତ୍ସବ ରୂପେ ବିବାହରେ ସୁନାର ଆବଶ୍ୟକତା ଅଧିକ ହୋଇଥାଏ। ତେଣୁ ବିବାହ ସମୟରେ ସୁନାର ଚାହିଦା ହୋଇଯାଏ।

ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ବିଶ୍ୱରେ ଯେତେ ସୁନା ରହିଛି, ତାହାର ୧୧ ପ୍ରତିଶତ ରହିଛି ଭାରତୀୟ ଗୃହିଣୀମାନଙ୍କ ନିକଟରେ। ଯାହା ଆମେରିକା, ସୁଇଜରଲାଣ୍ଡ, ଜର୍ମାନି ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ନିକଟରେ ଗଚ୍ଛିତ ଥିବା ସୁନାଠାରୁ ଅଧିକ। ତଥ୍ୟ ଅନୁସାରେ ଭାରତୀୟମାନେ ଦିନକୁ ୨.୩ ଟନ୍ ଓଜନର ସୁନା କିଣନ୍ତି। ଏହା ମଧ୍ୟରୁ ୭୫ ପ୍ରତିଶତ ଗହଣା ପାଇଁ ବ୍ୟବହୃତ ହୋଇଥାଏ। ଭାରତ ଆମଦାନୀ କରୁଥିବା ମୋଟ ସୁନାରୁ ୫୦ ଭାଗ କେବଳ ବିବାହ କାର୍ଯ୍ୟରେ ଲାଗିଥାଏ। ଏକ ସର୍ଭେରୁ ଜଣାପଡ଼ିଛି ଯେ, ଭାରତରେ ବର୍ଷକୁ ପ୍ରାୟ ଦେଢ଼ କୋଟି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଭାରତ ଏପରି ଏକ ଦେଶ ଯେଉଁଠାରେ ବିନା ସୁନାରେ କୌଣସି ବିବାହ କାର୍ଯ୍ୟ ସମାହିତ ହେବା ଅସମ୍ଭବ। ସାରା ଭାରତରେ ଧନତେରାସ୍ ସମୟରେ ସୁନା କ୍ରୟ କରିବା ପାଇଁ ଭାରତୀୟଙ୍କ ନିକଟରେ ବିପୁଳ ଆଗ୍ରହ ପ୍ରକାଶ ପାଇଥାଏ। ଓଡ଼ିଶାରେ ଧନତେରାସ୍ ସହିତ ଅକ୍ଷୟ ତୃତୀୟାରେ ମଧ୍ୟ ଅସଂଖ୍ୟ ଲୋକ ସୁନା କିଣନ୍ତି। ଲୋକବିଶ୍ୱାସ ଏବଂ କିମ୍ବଦନ୍ତୀ ଅନୁଯାୟୀ ଏହି ଦିନଗୁଡ଼ିକରେ ସୁନା କିଣାଗଲେ ଗୃହରେ ମା' ଲକ୍ଷ୍ମୀ ବିରାଜ କରନ୍ତି ଓ ଶ୍ରୀ ବୃଦ୍ଧି ହୋଇଥାଏ।

ଭାରତର ବିଭିନ୍ନ ଦେବାଳୟ ବା ମନ୍ଦିରଗୁଡ଼ିକରେ ବହୁ ପରିମାଣର ସୁନା ଗଚ୍ଛିତ ଅଛି। ତଥ୍ୟ ଅନୁସାରେ ଏବେ ଭାରତୀୟ ଘରେ ଏବଂ ମନ୍ଦିରଗୁଡ଼ିକରେ ଗଚ୍ଛିତ ସୁନାର ପରିମାଣ ହେଉଛି ପ୍ରାୟ ୨୦ ହଜାର ଟନ୍। ଭାରତୀୟ ରିଜର୍ଭ ବ୍ୟାଙ୍କ ପାଖରେ ରହିଛି ପ୍ରାୟ ୩୬୦ ଟନ୍ ସୁନା। ଅଧିକାଂଶ ଭାରତୀୟ ପରିବାରରେ ସୁନା ଅଳଙ୍କାର କେବଳ ଆଭୂଷଣ ରୂପେ ବ୍ୟବହାର କରାଯାଇଥାଏ। ସୁନା କିଣାରେ ଆମେରିକା ମଧ୍ୟ ଭାରତଠାରୁ ପଛରେ ଅଛି। ଆମେରିକୀୟମାନେ ବର୍ଷକୁ ମାତ୍ର ୧୬୦ ମେଟ୍ରିକ୍ ଟନ୍ ସୁନା ବ୍ୟବହାର କରନ୍ତି ଏବଂ ସେଠାରେ ସୁନା ମୁଖ୍ୟତଃ ବ୍ୟବସାୟରେ ବିନିଯୁକ୍ତ ହୋଇଥାଏ। ସୁନା ଦର ବୃଦ୍ଧି ପାଇଲେ ଆମେରିକାରେ ତା'ର ଚାହିଦା କମିଥାଏ, କିନ୍ତୁ ଭାରତରେ ଚାହିଦା ସୁନା ଦର ବୃଦ୍ଧି ସତ୍ତ୍ୱେ ବଢ଼ିବାରେ ଲାଗିଛି। ଆମେରିକାରେ ମୁଖ୍ୟତଃ ୧୦, ୧୨, ୧୪, ୧୮ କିମ୍ବା ୨୧ କ୍ୟାରେଟ୍‌ର ସୁନା ବ୍ୟବହୃତ ହୋଇଥାଏ, କିନ୍ତୁ ଭାରତରେ ୨୨ କ୍ୟାରେଟ୍ ସୁନାର ଚାହିଦା ସର୍ବାଧିକ। ସୁନା ପ୍ରତି ଭାରତୀୟଙ୍କ ଦୁର୍ବାର ମୋହ ହେତୁ ସୁନା ଦର ବୃଦ୍ଧି ପରିଲକ୍ଷିତ ହୋଇଥାଏ।





## ପାଦରେ ସୁନା ପିନ୍ଧିବା ଅନୁଚିତ

ନାରୀ ଓ ଗହଣା ପରସ୍ପର ପରିପୂରକ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗହଣାର ତିଆରି ସତେ ଯେପରି କେବଳ ନାରୀକୁ ସଜାଇବା ପାଇଁ ହୋଇଥାଏ। ମଥା ଟିକ୍କାଠାରୁ ନେଇ ପାଦର ପାଉଁଜି, ଖଡୁ , ଝୁଣ୍ଟିଆ ପର୍ଯ୍ୟନ୍ତ ନାରୀଟିଏ ଆଭୂଷଣରେ ସଜେଇ ହୋଇ ରହିବାକୁ ପସନ୍ଦ କରେ। ଅଳଙ୍କାର ମଧ୍ୟରେ ନରୀଙ୍କର ପ୍ରଥମ ପସନ୍ଦ ସୁନା ଅଳଙ୍କାର। ସେ ହାର ହେଉ କି ଚୁଡ଼ି । ମହିଳାମାନଙ୍କ ଷୋଳହ ଶୃଙ୍ଗାରମାନଙ୍କ ମଧ୍ୟରୁ ପାଉଁଜି ଅନ୍ୟତମ। କିନ୍ତୁ କେବେ ଦେଖିଛନ୍ତି କି ନରୀଟିଏ ସୁନା ପାଉଁଜି ପିନ୍ଧିବାର ?



ଧାର୍ମିକ ରୂପରେ ଦେଖିବାକୁ ଗଲେ, ସୁନାକୁ ଲକ୍ଷ୍ମୀଙ୍କ ସ୍ୱରୂପ ଭାବେ ବିବେଚନା କରାଯାଏ। ଭଗବାନ ବିଷ୍ଣୁଙ୍କ ସବୁଠାରୁ ପ୍ରିୟ ବସ୍ତୁ ସୁନା । ସୁନା ଶରୀରର ତଳ ଭାଗରେ ପରିଧାନ କରାଯାଇନଥାଏ। କୁହାଯାଏ ଯେ ଲକ୍ଷ୍ମୀଙ୍କ ସ୍ୱରୂପ ସୁନାକୁ ପାଦରେ ପରିଧାନ କରିବା ଦ୍ୱାରା ତାହାର ଅପମାନ ହୋଇଥାଏ । ଯେଉଥିପାଇଁ ସୁନାକୁ ପାଦରେ ପିନ୍ଧା ଯାଏ ନାହିଁ ।

ବୈଜ୍ଞାନିକଙ୍କ ମତ ଅନୁସାରେ, ମସ୍ତିଷ୍କ ସବୁ ବେଳେ ଗରମ ହୋଇଥାଏ। ପାଦ ଥଣ୍ଡା ହୋଇଥାଏ। ଶରୀରର ତାପମାତ୍ରାକୁ ସନ୍ତୁଳନ ରଖିବା ପାଦ ତଳେ ରୁପା ପରିଧାନ କରିବା ଉଚିତ୍। ସୁନା ଗହଣା ଗରମ ଓ ରୁପାର ଗହଣା ଥଣ୍ଡା ହୋଇଥାଏ। ତେଣୁ କୁହାଯାଏ ଯେ, ପାଦ ତଳେ ରୁପା ପିନ୍ଧିଲେ ଶରୀରରେ ସନ୍ତୁଳନ ବଜାୟ ରହିଥାଏ । ରୁପାର ମୁଦି ଆଦି ପାଦରେ ପିନ୍ଧିବା ଦ୍ୱାରା ନାରୀମାନଙ୍କର ମାସିକଚକ୍ର ନିୟମିତ ରହିଥାଏ।







## ସୁନା ହଜିବା ଓ ପାଇବା ଅଶୁଭ

ଆମ ହିନ୍ଦୁ ଧର୍ମରେ ସୁନାକୁ ସବୁଠାରୁ ପବିତ୍ର ଧାତୁ ଭାବରେ ବିବେଚନା କରାଯାଏ। ସୁନା ହେଉଛି ଦେବୀ ଲକ୍ଷ୍ମୀଙ୍କର ପ୍ରତୀକ । ଏହି କାରଣରୁ ଅକ୍ଷୟ ତୃତୀୟା, ଧନତେରସ୍ ଏବଂ ଦୀପାବଳି ଭଳି ବିଶେଷ ଅବସରରେ ସୁନା କିଣି ପୂଜା କରିବା ଶୁଭ ବୋଲି ଆମ ହିନ୍ଦୁ ଧର୍ମରେ ପ୍ରାଚୀନ କାଳରୁ ରହିଆସିଛି ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସୁନା ଦେବ ଗୁରୁ ବୃହସ୍ପତି ଗ୍ରହ ସହିତ ଜଡ଼ିତ । ଯାହା ସୁଖ, ଶାନ୍ତି, ମହିମା ଏବଂ ସମୃଦ୍ଧି ବର୍ଦ୍ଧନ କରେ । ଯଦି କୌଣସି ବ୍ୟକ୍ତିଙ୍କର ସୁନା ହଜିଯାଏ କିମ୍ବା ଚୋରି ହୋଇଯାଏ, ତେବେ ଏହାକୁ ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଏ । କାରଣ ଏହା ବୃହସ୍ପତି ଗ୍ରହର ଦୁର୍ବଳତାରୁ ଏପରି ହେଲା ବୋଲି ଧରାଯାଏ । ଏହାର ପ୍ରଭାବ ଯୋଗୁଁ ଘରେ ଅଶାନ୍ତି ବୃଦ୍ଧି ପାଇପାରେ, ଏହା ଆର୍ଥିକ ସ୍ଥିତି ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ଏବଂ ବୈବାହିକ ଜୀବନରେ ଉତ୍ତେଜନା ସୃଷ୍ଟି କରିପାରେ ।

ଏହାକୁ ବିଚାର କରି ପାରମ୍ପରିକ ବିଶ୍ୱାସ ଅନୁସାରେ ରାସ୍ତାରେ କୌଣସି ସ୍ଥାନରେ ସୁନା ପଡ଼ିଥିଲେ ତାହାକୁ ଉଠାଇବା ଅନୁଚିତ । ଏହାକୁ ଅବମାନନା କଲେ ଅନ୍ୟ କାହାର ଦୁର୍ଭାଗ୍ୟ ସହିତ ଜଡ଼ିତ ହୋଇପାରେ । ଏହାକୁ ଗ୍ରହଣ କରିବା ଦ୍ୱାରା ଜୀବନରେ ନକାରାତ୍ମକ ଶକ୍ତି ଆସିପାରେ । ଏପରି ପରିସ୍ଥିତିରେ, ସୁନାକୁ ସୁରକ୍ଷିତ ରଖିବା ଏକାନ୍ତ ଗୁରୁତ୍ୱପୂର୍ଣ୍ଣ । ଯଦି ସୁନା ହଜିଯାଏ କିମ୍ବା ଚୋରି ହୋଇଯାଏ, ତେବେ ବୃହସ୍ପତି ଗ୍ରହର ଶାନ୍ତି ପାଇଁ ଗୁରୁବାର ଦିନ ହଳଦିଆ ବସ୍ତ୍ର, ଚଣା ଡାଲି କିମ୍ବା ଅନ୍ୟ କୌଣସି ଶୁଭ ଜିନିଷ ଦାନ କରିବା ଉଚିତ । ଏହା ସହିତ, ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ ପୂଜା ଦ୍ୱାରା ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରାଯାଇପାରିବ । ଭାରତୀୟ ପରମ୍ପରାରେ, ସୁନା ସହିତ ଜଡିତ ଏହି ଧାର୍ମିକ ଏବଂ ଜ୍ୟୋତିଷ ବିଶ୍ୱାସକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯାଏ ।

ହିନ୍ଦୁ ଧର୍ମର ପରମ୍ପରା, ପ୍ରାଚୀନ ସଂସ୍କୃତି , ଦର୍ଶନ ତତ୍ତ୍ୱ ଏବଂ ଜ୍ୟୋତିଷ ଶାସ୍ତ୍ର ବିଚାର ଅନୁସାରେ, ଯଦି କୌଣସି କାରଣରୁ ସୁନା ହଜିଯାଏ, ତେବେ ଏହାକୁ ନକାରାତ୍ମକ ଶକ୍ତି ବୃଦ୍ଧି ଏବଂ ଦେବୀ ଲକ୍ଷ୍ମୀଙ୍କ ଆଶୀର୍ବାଦ ହ୍ରାସର ସଙ୍କେତ ବୋଲି ବିବେଚନା କରିବା ଉଚିତ । ଏହା ଆପଣାର ଅର୍ଥାତ ସୁନା ହଜିଥିବା ବା ପାଇଥିବା ବ୍ୟକ୍ତିର ଆର୍ଥିକ କ୍ଷତି ହେବା ସହିତ ଅକାରଣେ ଟଙ୍କା ସମ୍ବନ୍ଧୀୟ ସମସ୍ୟା ଦେଖାଦେଇଥାଏ । ସୁନା ହଜିବା ଦ୍ୱାରା ଆର୍ଥିକ ଅସ୍ଥିରତା ଆସିଥାଏ ଏବଂ ଜୀବନରେ ଆର୍ଥିକ ଅସୁବିଧା ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ଏହାକୁ ଏକ ଅଶୁଭ ସଙ୍କେତ ଭାବରେ ଗ୍ରହଣ କରାଯାଏ । ତେଣୁ ସୁନା ପ୍ରତି ସଦା ସତର୍କ, ଯତ୍ନଶୀଳ ଏବଂ ସାବଧାନତା ଅବଲମ୍ବନ କରିବା ଉଚିତ ।

ଆମ ସଂସ୍କୃତିରେ ପ୍ରାଚୀନ କାଳରୁ ସୁନାର ପ୍ରଚଳନ ଥିଲା । ଏବେ ଧୀରେ ଧୀରେ ଏହାର ଚାହିଦା ଆହୁରି ବଢ଼ିବାରେ ଲାଗିଛି । ବର୍ତ୍ତମାନ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ସୁନା ଏକ ଅବିଚ୍ଛେଦ୍ୟ ଅଂଶ ପାଲଟି ଯାଇଛି । ■

ଓଡ଼ିଆ ଭାଷା ସାହିତ୍ୟ ଗବେଷକ , ଭଦ୍ରକ, ଓଡ଼ିଶା
ମୋ - ୮୭୬୩୫୪୮୨୦୨






ଡକ୍ଟର ଦିନେଶ କୁମାର ନାୟକ

ଭାରତୀୟ ସଂସ୍କୃତିରେ ସୁନା କେବଳ ଏକ ଧାତୁ ନୁହେଁ । ଆମ ସଂସ୍କୃତି ଓ ପରମ୍ପରାରେ ଏକ ଅବିଚ୍ଛେଦ ଅଂଶ । ସାଧାରଣତଃ ସୁନା କିଣିବା ମାନେ ଏକସାଙ୍ଗରେ ଧନ, ରୀତିନୀତି ଏବଂ ନିରାପଦକୁ ସୁରକ୍ଷିତ କରିବା । ତେବେ ୨୦୨୫ ମସିହାରେ ଏହି ଗଭୀର ପରମ୍ପରା କଠୋର ଅର୍ଥନୀତି ସହିତ ଟକ୍କର ଖାଉଛି । ବିଶ୍ୱ ବଜାରରେ ସୁନାର ଦାମ୍ ପ୍ରତି ଟ୍ରୟ ଆଉନ୍ସ (ପ୍ରାୟ ୩୧ ଗ୍ରାମ) ୩, ୯୦୦ ଡଲାର ଅତିକ୍ରମ କରିଛି । ଏହାର ପ୍ରଭାବ ଆମ ଦେଶରେ ମଧ୍ୟ ଦେଖାଯାଉଛି । ଘରୋଇ ବଜାରରେ ସୁନା ହାର ପ୍ରତି ୧୦ ଗ୍ରାମ ୧ ଲକ୍ଷ ୯ ହଜାର ଟଙ୍କା ଉପରେ ପହଞ୍ଚିଛି । ପର୍ବପର୍ବାଣି, ଦୀପାବଳି ଓ ବିବାହ ସମୟରେ, ଏହି ଉଚ୍ଚ ସୁନା ମୂଲ୍ୟ ଲୋକଙ୍କ ପାଇଁ ଏକ ବଡ଼ ଚାପ ସୃଷ୍ଟି କରେ । ଏହି ପରିସ୍ଥିତି ନୀତି ନିର୍ଦ୍ଧାରକଙ୍କୁ ମନେ କରାଏ ଯେ, 'ପରମ୍ପରା' ଏବଂ 'ଅର୍ଥନୀତି' ସବୁବେଳେ ଏକାସାଥି ଚାଲେ ନାହିଁ ଓ ଦୁହେଁ ବିପରୀତ ଦିଗକୁ ଟାଣି ଥାଆନ୍ତି ।

# ସଙ୍କଟରେ ଅଧିକ ଚମକେ ସୁନା

## ସୁନା ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ

ଦିନକୁ ଦିନ ସୁନାର ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହାର ପଛରେ କ'ଣ ରହିଛି କାରଣ? କାହିଁକି ହୁ ହୁ ହୋଇ ବଢ଼ି ଚାଲିଛି ସୁନା ଦର? ତାକୁ ନେଇ ଅର୍ଥନୀତି ବିଶାରଦମାନଙ୍କ ଭିତରେ ଆଲୋଚନା ଜାରି ରହିଛି । ବର୍ତ୍ତମାନ ସୁନା ଦର ବୃଦ୍ଧିର କେତେକ ପ୍ରମୁଖ କାରଣ ସଂପର୍କରେ ଆଲୋଚନା କରିବା ।



## ସୁଧ ହାରର ପ୍ରଭାବ

ସୁନା ଯେହେତୁ କୌଣସି ସୁଧ ଦେଇନଥାଏ, ତେଣୁ ଯେତେବେଳେ ବ୍ୟାଙ୍କ ସୁଧ ହାର କମିଯାଏ, ସୁନା ରଖିବାର 'ଅବସର ମୂଲ୍ୟ' (ଅପରଚ୍ୟୁନିଟି କଷ୍ଟ) ବଢ଼ିଯାଏ । ଅବସର ମୂଲ୍ୟ କହିଲେ – ଅନ୍ୟ ବିକଳ୍ପରୁ ଲାଭ ହାରାଇବାର ମୂଲ୍ୟ । ଯଦି ଆପଣଙ୍କ ଟଙ୍କା ସୁନାରେ ଇନ୍‌ଭେଷ୍ଟ କରନ୍ତି, ତେବେ ଆପଣ ସେହି ଟଙ୍କା ବ୍ୟାଙ୍କରେ ଜମା କରି ପାଉଥିବା ସୁଧ ହରାଉଛନ୍ତି । ତେଣୁ ନିବେଶକମାନେ ବଣ୍ଡ (ସରକାର କିମ୍ବା କମ୍ପାନୀଙ୍କୁ ଧାର ଦେଇଥିବା ପତ୍ର) ଛାଡ଼ି ସୁନାକୁ ବାଛନ୍ତି । ୨୦୨୫ ମସିହାର ଶେଷଭାଗରେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ (ଫେଡେରାଲ୍ ରିଜର୍ଭ) ସୁଧ ହାର କମେଇବେ ବୋଲି ଅନୁମାନ ରହିଛି । ଏହା ସୁନା ବଜାରକୁ ଆହୁରି ଉତ୍ସାହିତ କରୁଛି । ତେବେ ଏଥର କାରଣ କେବଳ ସୁଧ ନୁହେଁ, ବିଶ୍ୱରେ ଅନେକ ସଙ୍କଟ ଏକାସାଥିରେ ଆସିଛି ।



## କିଏ ଲାଭରେ, କିଏ କ୍ଷତିରେ?

ସୁନାର ଉଚ୍ଚ ଦାମ କାହାକୁ ଲାଭ ଓ କାହାକୁ କ୍ଷତିର ଅବସର ଦେଉଛି - ବିଶ୍ୱ ସୁନା ବାଣିଜ୍ୟ, ରପ୍ତାନିକାରୀ ଏବଂ ଆମଦାନୀକାରୀଙ୍କ ମଧ୍ୟରେ ତୀବ୍ର ପାର୍ଥକ୍ୟ ଦେଖାଏ । ଯେତେବେଳେ ଉଚ୍ଚ ମୂଲ୍ୟ ଉତ୍ପାଦକ ଏବଂ ବିଶୋଧନ କେନ୍ଦ୍ରଗୁଡ଼ିକ ଲାଭବାନ ହୋଇଥାନ୍ତି, ସେତେବେଳେ ଗ୍ରାହକ-ଭାରି ରାଷ୍ଟ୍ରଗୁଡ଼ିକ ଖର୍ଚ୍ଚ ବୃଦ୍ଧିର ସମ୍ମୁଖୀନ ହୁଅନ୍ତି ।



**ଲାଭପ୍ରଦ ଦେଶ :** ଆଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଘାନା ଭଳି ସୁନା ଉତ୍ପାଦକ ଦେଶ, ଦାମ ବଢ଼ିଲେ ସେମାଙ୍କର ଆୟ ସିଧାସଳଖ ବଢ଼େ । ସେମାନେ ରପ୍ତାନିକାରୀ କରି ବହୁତ ରାଜସ୍ୱ ଲାଭ କରୁଛନ୍ତି । ସ୍ୱିଜରଲ୍ୟାଣ୍ଡ ବିଶ୍ୱର ସବୁଠାରୁ ବଡ଼ ସୁନା ଶୋଧନ କେନ୍ଦ୍ର, ଏହି ସମୟରେ ସୁନା ପରିଷ୍କରଣ କରି ଉଚ୍ଚ ବ୍ୟବଧାନରେ ରପ୍ତାନି କରି ଅଧିକ ଲାଭାନ୍ୱିତ ହେଉଛି ।

**କ୍ଷତିଗ୍ରସ୍ତ ଦେଶ :** ଭାରତ, ଚୀନ୍, ତୁର୍କୀ ପରି ଆମଦାନୀ-ନିର୍ଭରଶୀଳ ଦେଶଗୁଡ଼ିକ ସୁନାର ମୂଲ୍ୟ ଦେଉଛନ୍ତି । ଭାରତ ପ୍ରତିବର୍ଷ ୮୦୦ରୁ ୯୦୦ ଟନ୍ ସୁନା ଆମଦାନୀ କରିଥାଏ, କିନ୍ତୁ ଦେଶୀୟ ଉତ୍ପାଦନ ନାହିଁ । ବିଶ୍ୱ ବଜାରରେ ସୁନା ମୂଲ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଆମଦାନୀ ବିଲ୍ ବଢ଼େ, ଯାହା ଆମର ବାଣିଜ୍ୟ ନିଅଣ୍ଟ (ଟ୍ରେଡ୍ ଡେଫିସିଟ୍) ବଢ଼ାଇ ଦେଇ ଟଙ୍କାର ମୂଲ୍ୟ ଉପରେ ଚାପ ସୃଷ୍ଟି କରେ । ଏହା ଭାରତକୁ ବିଶ୍ୱ ସଙ୍କଟରେ ଅଧିକ ସମ୍ବେଦନଶୀଳ କରେ । ସରଳ କଥା, ଖଣି କିମ୍ବା ବିଶୋଧନ କରୁଥିବା ଦେଶମାନେ ଲାଭ ପାଇବେ ଓ ଆମଦାନି-ନିର୍ଭରଶୀଳ ଦେଶଗୁଡ଼ିକ କ୍ଷତିଗ୍ରସ୍ତ ହେବେ ।

## ସୁରକ୍ଷିତ ଆଶ୍ରୟ

କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ, ବିଶେଷକରି ବିକାଶଶୀଳ ଦେଶଗୁଡ଼ିକ ଡଲାର୍‌ରୁ ନିର୍ଭରତା କମାଇବାକୁ ସୁନା କିଣୁଛନ୍ତି । ରୁଷ–ୟୁକ୍ରେନ ଯୁଦ୍ଧ ଓ ଭାରତ–ତୁର୍କୀ ଟଣାଟଣି ପରି ଭୌଗୋଳିକ ରାଜନୈତିକ ସଙ୍କଟ, ମହଙ୍ଗା (ମୁଦ୍ରାସ୍ଫୀତି, ଜିନିଷର ଦାମ୍ ବଢ଼ିଯିବା)ର ଭୟ, ଏବଂ ଆର୍ଥିକ ଅସ୍ଥିରତା ସୁନାକୁ 'ସୁରକ୍ଷିତ ସମ୍ପତ୍ତି' (ସେଫ୍ ହାଭେନ୍ ଆସେଟସ୍) କରିଛି । ସୁନା ଏକ ନିରାପଦ ସମ୍ପତ୍ତି ଭାବରେ ଖ୍ୟାତ । ଅର୍ଥାତ୍, ଅନିଶ୍ଚିତ ସମୟରେ ଲୋକେ ସୁନା କିଣି ନିଜ ଟଙ୍କାକୁ ସୁରକ୍ଷିତ ରଖିବାକୁ ମନେ କରୁଛନ୍ତି ।

## ସୁନା ଦୁର୍ଲଭ

ସୁନାର ଏକ ପ୍ରତୀକାତ୍ମକ ମହତ୍ତ୍ୱ ଅଛି । ଭାରତୀୟ ଦ୍ୱନ୍ଦ୍ୱ - ଏଠାରେ ଏକ ବିରୋଧାଭାସ (ପାରାଡକ୍ସ) ରହିଛି । ସୁନା ଖାଦ୍ୟ କିମ୍ବା ଇନ୍ଧନ ଭଳି ଜରୁରି ନୁହେଁ, କିନ୍ତୁ ଏହାର ଦୁର୍ଲଭତା ଏବଂ ପ୍ରାଧାନ୍ୟ ଯୋଗୁଁ ଆମେ ଏହାର ଏତେ ଉଚ୍ଚ ମୂଲ୍ୟ ଦେଇଥାଉ । ଗୋଟିଏ ପରିବାର ଅନ୍ୟ ଜିନିଷର ପରିମାଣ କମ୍ କରିପାରେ, କିନ୍ତୁ ମଙ୍ଗଳମୟ ଅବସର ଯେପରିକି ପର୍ବପର୍ବାଣି ଦୀପାବଳି କିମ୍ବା ବିବାହରେ ଲୋକେ କମ୍ ପରିମାଣରେ ହେଲେ ମଧ୍ୟ ସୁନା କିଣିଥାନ୍ତି । ତଥାପି, ଏବର୍ଷ ସୁନା କିଣାର ପରିମାଣ ୧୦ରୁ ୧୫ ପ୍ରତିଶତ କମିବ ବୋଲି ଅନୁମାନ କରାଯାଉଛି, କିନ୍ତୁ ଟଙ୍କାର ମୂଲ୍ୟରେ ବିକ୍ରି ବହୁତ ଅଧିକ ରହିବ । ବଡ଼ ନିବେଶକମାନେ ଇ.ଟି.ଏଫ. (ଏକ୍ସଚେଞ୍ଜ ଟ୍ରେଡେଡ ଫଣ୍ଡ – ଶେୟାର ବଜାରରେ ବିକ୍ରି ହେଉଥିବା ସୁନା ଆଧାରିତ ନିବେଶ ପତ୍ର) ମାଧ୍ୟମରେ ସୁନାରେ ଟଙ୍କା ଲଗାଣ କରୁଛନ୍ତି ।



## ଯଦି ଅସ୍ଥିରତା ବଢ଼େ

ଯଦି ବିଶ୍ୱରେ ଆହୁରି ଉତ୍ତେଜନା ବୃଦ୍ଧି ପାଇଲେ, ବର୍ତ୍ତମାନର ସୁନା ମୂଲ୍ୟବୃଦ୍ଧି ତୀବ୍ର ହୋଇପାରେ । ଯେପରିକି, ଆମେରିକାରେ ଆର୍ଥିକ ସଙ୍କଟ ଅଥବା ଭାରତ-ତୁର୍କୀ ଶତ୍ରୁତା ଗମ୍ଭୀର ହୁଏ କିମ୍ବା ରୁଷ-ୟୁକ୍ରେନ ସଂଘର୍ଷ ଆହୁରି ଖରାପ ହୁଏ, ତେବେ ସୁନା ମୂଲ୍ୟ ପ୍ରତି ଟ୍ରୟ ଆଉନ୍ସ ୪,୨୦୦ ଡଲାର ମଧ୍ୟ ଅତିକ୍ରମ କରିପାରେ, ଯାହା ସୁନାର ଦାମ ୧.୨୦–୧.୨୫ ଲକ୍ଷ ଟଙ୍କା ପ୍ରତି ୧୦ ଗ୍ରାମକୁ ହୋଇପାରେ । ଏହା ରପ୍ତାନିକାରୀଙ୍କ ପାଇଁ ଭଲ ଖବର, କିନ୍ତୁ ଭାରତ ପାଇଁ ଏକ ଭୟଙ୍କର ପରିସ୍ଥିତି ହୋଇପାରେ । ସାଧାରଣ ଲୋକଙ୍କୁ ଆଭୂଷଣ କିଣିବା କଠିନ ହେବ, ବାଣିଜ୍ୟ ନିଅଣ୍ଟ ବଢ଼ିବ, ଟଙ୍କାର ମୂଲ୍ୟ କମିବ, ଦର ବୃଦ୍ଧି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କକୁ ବ୍ୟବସ୍ଥା କରିବା ପାଇଁ ବିଦେଶୀ ମୁଦ୍ରା ବଜାରରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ, ଯାହା ଫଳରେ ସୁନା ମହଙ୍ଗା ହେବା ସ୍ୱାଭାବିକ ।



## ଭାରତର ପଦକ୍ଷେପ

ଭାରତରେ ସୁନା ଦର ବୃଦ୍ଧି ପାଇବାରେ ଲାଗିଛି । ତେବେ ଏଭଳି ପରିସ୍ଥିତିରେ ଭାରତ କ'ଣ ପଦକ୍ଷେପ ନେବା ଉଚିତ? କ'ଣ କଲେ ସୁନା ଦର ବୃଦ୍ଧିକୁ ରୋକା ଯାଇପାରିବ? କିଭଳି ସୁନା ଦର ସ୍ଥିର ରହିବ? ଭାରତ ପକ୍ଷରୁ କ'ଣ କରାଯିବ ଆବଶ୍ୟକ, ସେ ସଂପର୍କରେ ଆଲୋଚନା କରିବା ।

**ଆମଦାନୀ ଶୁଳ୍କ**: ସରକାରଙ୍କ ପାଇଁ ସବୁଠାରୁ ସହଜ ଉପାୟ ହେଉଛି ଆମଦାନୀ ଶୁଳ୍କ ବଦଳାଇବା । କିନ୍ତୁ ଶୁଳ୍କ ବେଶୀ ବଢ଼ାଇ ଦେଲେ ଚୋରାଚାଲାଣ ବଢ଼ି ଯିବାର ସମ୍ଭାବନା ରହିଛି । ତେଣୁ ଏହାର ସନ୍ତୁଳନ ପାଇଁ ନିଷ୍ପତ୍ତି ନେବା ଉଚିତ୍ ।



**ଆର୍ଥିକ ଉପାୟ**: ସୁନାର କିଣାକୁ କମ୍ କରି ଆମଦାନି କମେଇବା ଜରୁରି । ସଭରେନ୍ ଗୋଲ୍ଡ ବଣ୍ଡ (ଏସ୍.ଜି.ବି.) ଏକ ଭଲ ବିକଳ୍ପ । ୨୦୧୫ ମସିହାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ୬୭ ପର୍ଯ୍ୟାୟରେ ପ୍ରାୟ ୧୪୭ ଟନ୍ ସୁନାର ସମାନ ଟଙ୍କା ଉଠା ହୋଇଛି । ଏଥିରେ ଲୋକେ ସୁନା କିଣିବାରୁ ବଞ୍ଚିତ ହୋଇ ବଣ୍ଡ କିଣନ୍ତି । ବଣ୍ଡରେ ସୁନାର ଦାମ ସହିତ ସୁଧ ମଧ୍ୟ ମିଳେ । ସରକାର ପ୍ରତ୍ୟେକ ପର୍ଯ୍ୟାୟ ଜାରି କରିବା ପୂର୍ବରୁ ଖର୍ଚ୍ଚ ଓ ଲାଭ ହିସାବ କରିଥାଏ ।

**ଟଙ୍କାର ସ୍ଥିରତା**: ଟଙ୍କାର ମୂଲ୍ୟ ସ୍ଥିର ରଖିବା ପାଇଁ ଆର.ବି.ଆଇ. ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ । ସତର୍କତାର ସହିତ ବିଦେଶୀ ମୁଦ୍ରାରେ ହସ୍ତକ୍ଷେପ କରି ଓ ସୁନାକୁ ରିଜର୍ଭରେ ଯୋଡ଼ିବାକୁ ପଡ଼ିବ । ଏହା ଅଧିକ ଦାମରେ ନ ହୋଇ ସମୟୋପଯୋଗୀ ହେବା ଦରକାର ।

## ମଧ୍ୟମ ଓ ଦୀର୍ଘମିଆଦି ସୁଧାର

ଭାରତୀୟ ପରିବାରମାନଙ୍କ ପାଖରେ ଥିବା ସୁନା ବାହୁତାଂଶ ବ୍ୟବହାର ହେଉନାହିଁ । ଯଦି ଏହାର କିଛି ଅଂଶକୁ ଗୋଲ୍ଡ ମୋନେଟାଇଜେସନ୍ ସ୍କିମ୍ ମାଧ୍ୟମରେ ବ୍ୟବହାର କରାଯାଏ, ତେବେ ଦେଶର ଆମଦାନୀ କମିପାରେ । ସୁନା ପୁନଃଚକ୍ରାୟନ (Recycling) ବଢ଼ାଇବା, ଶୁଦ୍ଧତାର ମୋହର (Hallmarking) କଡ଼ା କରିବା, ଓ ଜୁଏଲର୍‌ମାନଙ୍କୁ ଭବିଷ୍ୟତରେ ଦାମର ଝୁଲାଣିରୁ ସୁରକ୍ଷା (Hedging) ସୁବିଧା ଦେବା ଦରକାର । ଦୀର୍ଘମିଆଦିରେ, ଭାରତକୁ କେବଳ ଆମଦାନୀକାରୀ ନ ହୋଇ, ମୂଲ୍ୟ ସୃଷ୍ଟିକାରୀ ହେବାକୁ ପଡ଼ିବ । ସୁନା ଉତ୍ପାଦକ ଦେଶ ସହିତ ଚୁକ୍ତି, ଦେଶୀୟ ଶୋଧନ କେନ୍ଦ୍ର ଓ ଗହଣା ରପ୍ତାନି ବଢ଼ାଇଲେ, ଆମଦାନୀ ବିଲ୍ କମେଇବାରେ ସାହାଯ୍ୟ ହେବ ।

## ଆଗାମୀ ପଥ

ସୁନାର ଦାମ ବୃଦ୍ଧି ଆମକୁ ମନେ ପକାଏ ଯେ, ଅବସର ମୂଲ୍ୟର ନିୟମ - କାହିଁକି ସୁଧ କମିଲେ ନିବେଶକମାନେ ସୁନାକୁ ବାଛନ୍ତି । ହ୍ରାସମାନ ଉପଯୋଗିତାର ନିୟମ - କାହିଁକି ଅଧିକାଂଶ ପରିବାରର ଲୋକେ କମ୍ ପରିମାଣରେ ମଧ୍ୟ ସୁନା କିଣନ୍ତି । ମୂଲ୍ୟର ପାରାଡକ୍ସ - କାହିଁକି ଦାମ ବହୁତ ବଢ଼ିଲେ ମଧ୍ୟ ସୁନାର ଚାହିଦା ସମ୍ପୂର୍ଣ୍ଣ ହରାଏ ନାହିଁ । ଭାରତ ପାଇଁ ଚ୍ୟାଲେଞ୍ଜ ହେଉଛି ପରମ୍ପରାକୁ ସମ୍ମାନ ଦେବା ସହିତ ଅର୍ଥନୈତିକ ବୁଦ୍ଧିମତାକୁ ଲାଗୁ କରିବା । ଭାରତୀୟମାନେ ଦୀପାବଳି ଓ ବିବାହରେ ସୁନା କିଣିବେ, କିନ୍ତୁ ସରକାର ଓ ଆର୍.ବି.ଆଇ.କୁ ନିଶ୍ଚିତ କରିବାକୁ ପଡ଼ିବ ଯେ, ଏହି ପରମ୍ପରା ଦେଶର ଅର୍ଥନୀତିକୁ ଅସ୍ଥିର କରି ନାହିଁ । ସମୟୋପଯୋଗୀ ଏସ୍.ଜି.ବି. ଜାରି, ସୁନା ପୁନଃଚକ୍ରାୟନ, ଓ ଦୀର୍ଘମିଆଦି ସୁଧାର ମାଧ୍ୟମରେ ଭାରତ ଏହି ସମସ୍ୟାକୁ ସୁଯୋଗରେ ପରିଣତ କରିପାରେ । ଏହାରୁ ସୁନା ବଜାର ଆଧୁନିକ ହେବ, ଆମଦାନୀରୁ ନିର୍ଭରତା କମିବ, ଓ ଅର୍ଥନୀତି ଅଧିକ ସୁଦୃଢ଼ ହେବ ।




ଅନିଶ୍ଚିତତା ସମୟରେ ସୁନା ସବୁଠାରୁ ଚମକଦାର ହୋଇପାରେ, କିନ୍ତୁ ଭାରତ ପାଇଁ, ପ୍ରକୃତ ଚମକ ଅର୍ଥନୀତି ସହିତ ସଂସ୍କୃତି ଏବଂ ରଣନୀତି ସହିତ ପରମ୍ପରାକୁ ସନ୍ତୁଳିତ କରିବା ଦ୍ୱାରା ଆସିବ । ସୁନା କେବଳ ଗହଣା ନୁହେଁ, ଏହା ଦେଶର ଅର୍ଥନୀତିକ ସ୍ୱାସ୍ଥ୍ୟ ସହିତ ଜଡ଼ିତ । ସୁଧାରିତ ନୀତି, ସୁବିଚାରିତ ପଦକ୍ଷେପ, ଓ ଦୀର୍ଘମିଆଦି ଯୋଜନା ଉପଯୋଗ କରି ଭାରତ ସୁନାରେ ନିଜର ପରମ୍ପରାକୁ ରକ୍ଷା କରିବା ସହିତ ଅର୍ଥନୀତିକୁ ମଧ୍ୟ ସୁରକ୍ଷିତ କରିପାରିବ ।

ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସୀ
୧୮/୨ – ସତସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ
ମୋ: ୯୬୫୦୮୬୯୨୧୪



# ଭାରତୀୟ ଅର୍ଥନୀତିରେ ସୁନା




ଅନନ୍ତ ଚରଣ ସ୍ୱାଇଁ

ସୁନା କେବଳ ଏକ ଆକର୍ଷଣୀୟ ଦୁର୍ଲଭ ଧାତୁ ନୁହେଁ, ଏହା ପୁରାତନ କାଳରୁ ମାନବ ସଭ୍ୟତା ସହ ଓତପ୍ରୋତ ଭାବେ ଜଡ଼ିତ । ସୁନା ହେଉଛି ସମ୍ମାନ, ସମ୍ପଦ, ସୁନ୍ଦରତା ଓ ସୁରକ୍ଷାର ପ୍ରତୀକ । ଏକ ସଶକ୍ତ ଅର୍ଥନୀତି ପାଇଁ ସୁନାର ଗୁରୁତ୍ୱ କେବଳ ଏହାର ଦୁର୍ଲଭତା କିମ୍ବା ଆଭୂଷଣର ଚାହିଦା ପୂରଣରେ ସୀମିତ ନୁହେଁ, ବରଂ ଏହାର ବହୁମୁଖୀ ଭୂମିକା ରାଷ୍ଟ୍ରୀୟ ଏବଂ ଆନ୍ତର୍ଜାତୀୟ ଅର୍ଥନୈତିକ ବ୍ୟବସ୍ଥାକୁ ଗଭୀର ଭାବରେ ପ୍ରଭାବିତ କରିଥାଏ । ପ୍ରାଚୀନ ସଭ୍ୟତାଗୁଡ଼ିକରେ ସୁନାକୁ କେବଳ ଧାତୁ ନୁହେଁ, ବରଂ ଶକ୍ତି, ଆଧିପତ୍ୟ ଓ ଧର୍ମୀୟ ପବିତ୍ରତାର ପ୍ରତୀକ ବୋଲି ଦେଖାଯାଉଥିଲା ।

ଭାରତୀୟ ଅର୍ଥନୀତିରେ ସୁନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭାରତ ବିଶ୍ୱର ସର୍ବବୃହତ୍ ସୁନା ଉପଭୋକ୍ତା ଦେଶ ମଧ୍ୟରେ ଅନ୍ୟତମ । ଭାରତରେ ସୁନାର ଚାହିଦା ମୁଖ୍ୟତଃ ଆଭୂଷଣ ଏବଂ ନିବେଶ ଉପରେ ଆଧାରିତ । ଭାରତୀୟ କେନ୍ଦ୍ରୀୟ ବ୍ୟାଙ୍କ, ଆର.ବି. ଆଇ., ମଧ୍ୟ ବିଦେଶୀ ମୁଦ୍ରା ଭଣ୍ଡାରର ଏକ ଅଂଶ ଭାବରେ ସୁନା ରଖିଥାଏ । ତା'ଛଡା, ଭାରତୀୟ ବ୍ୟାଙ୍କଗୁଡ଼ିକରେ ସୁନା ଋଣର ସୁବିଧା ଅଛି, ଯାହା ଗ୍ରାମୀଣ ଏବଂ ଛୋଟ ଉଦ୍ୟୋଗୀଙ୍କୁ ଅର୍ଥନୈତିକ ସେବା ପ୍ରଦାନ କରେ ।

## ସମନ୍ୱୟର ଭୂମିକା

ସୁବର୍ଣ୍ଣ ଏକ ଅର୍ଥନୀତି ପାଇଁ କେବଳ ଏକ ମୂଲ୍ୟବାନ ଧାତୁ ନୁହେଁ, ବରଂ ଏହା ଏକ ବହୁମୁଖୀ ସମ୍ପତ୍ତି । ଏହା ମୂଲ୍ୟ ସଂରକ୍ଷଣ, ବିଦେଶୀ ମୁଦ୍ରା ଭଣ୍ଡାରର ସୁରକ୍ଷା, ରୋଜଗାର ସୃଷ୍ଟି, ଶିଳ୍ପ ବିକାଶ ଏବଂ ସାମାଜିକ ସୁରକ୍ଷା ଭଳି କାର୍ଯ୍ୟ କରେ । ଏହା ଅର୍ଥନୈତିକ ସ୍ଥିରତା ପ୍ରଦାନ କରେ ଏବଂ ସଙ୍କଟ ସମୟରେ ଏକ ଆଶ୍ରୟସ୍ଥଳୀ ଭାବରେ କାର୍ଯ୍ୟ କରେ ।

ସୁନାର ଚାହିଦା, ବିଶ୍ୱ ବଜାରରେ ଅନିଶ୍ଚିତତା । ଡଲାର ମୂଲ୍ୟରେ ହ୍ରାସ, ମୁଦ୍ରାସ୍ଫୀତି ଆଦି କାରଣରୁ କ୍ରମାଗତ ସୁନାର ମୂଲ୍ୟ ବଢ଼ିବାରେ ଲାଗିଛି । ୧୦ ଗ୍ରାମ ୨୨ କ୍ୟାରେଟ ସୁନାର ମୂଲ୍ୟ ଏବେ ଏକ ଲକ୍ଷରୁ ଅଧିକ । ଭବିଷ୍ୟତରେ ସୁନା ମୂଲ୍ୟରେ ବୃଦ୍ଧି ହେବାର ଆକଳନ କରାଯାଉଛି । ଏଣୁ ସୁନାରେ ନିବେଶ କରିବାକୁ ଅନେକ ନିବେଶକ ଆଗ୍ରହୀ । ବିଶେଷଜ୍ଞମାନଙ୍କ ମତରେ ନିଜ ସମ୍ପଦରେ ସ୍ଥିରତା ଓ ଦୃଢ଼ତା ଆଣିବା ପାଇଁ ସମ୍ପତ୍ତିର ଅନ୍ତତଃ ଦଶ ପ୍ରତିଶତ ଅଂଶ ସୁନା କିମ୍ବା ସୁନାରେ ନିବେଶ ହେବା ଆବଶ୍ୟକ । ସୁନା କେବଳ ଏକ ଅଳଙ୍କାର ନୁହେଁ, ଏହା ଏକ ସୁରକ୍ଷିତ ବିନିଯୋଗ (Safe Investment)



## ସୁନା ନିବେଶର ପ୍ରକାରଭେଦ

ସୁନାକୁ ବିଭିନ୍ନ ଭାବରେ ନିବେଶ କରାଯାଏ । ଏହା କେତେ ପ୍ରକାର ? କିଭଳି ସୁନାର ବିନିଯୋଗ କଲେ ଆର୍ଥିକ ଲାଭ ମିଳିଥାଏ ? ଏ ସଂପର୍କରେ ଆଲୋଚନା କରିବା ।

**ସୁନା ଆଭୂଷଣ** : ସୁନା ଅଳଙ୍କାରରେ ବିନିଯୋଗ କରିବା ହେଉଛି ସବୁଠାରୁ ଲୋକପ୍ରିୟ ଉପାୟ । ଏହା ସାଂସ୍କୃତିକ ପରମ୍ପରା ସହ ଜଡ଼ିତ । ଆଭୂଷଣରେ ମେକିଂ ଚାର୍ଜ ମିଶି ଅଳଙ୍କାରର ମୂଲ୍ୟ ନିର୍ଦ୍ଧାରଣ କରାଯାଏ । କିଣିବା ସମୟରେ ଗହଣା ଉପରେ ଲାଗୁଥିବା ଅତ୍ୟଧିକ ମେକିଂ ଚାର୍ଜ ଏହାର ମୂଲ୍ୟକୁ ବଢ଼ାଇ ଦିଏ । ବିକ୍ରୟ ସମୟରେ ମେକିଂ ଚାର୍ଜ ବାଦ ଦେଇ ଗହଣାରେ ଥିବା ସୁନା ବିଚାରକୁ ନିଆଯାଏ ।

**ସୁନା ମୁଦ୍ରା** : ସୁନା ମୁଦ୍ରାରେ ମେକିଂ ଚାର୍ଜ ବହୁତ କମ୍ । ପୁନଃ ବିକ୍ରୟ ସମୟରେ ସେତେଟା ଅସୁବିଧା ହୋଇ ନ ଥାଏ ।

**ଡିଜିଟାଲ୍ ସୁନା** (Digital Gold): ସୁନାରେ ବିନିଯୋଗ କରିବାର ଏହା ଏକ ଆଧୁନିକ ଉପାୟ । ଅନ୍‌ଲାଇନରେ ଅଳ୍ପ ପରିମାଣର ସୁନା କିଣାଯାଇ ପାରିବ । କିଣୁଥିବା ସୁନା ଘରେ ରଖିବାର ଆବଶ୍ୟକ ନାହିଁ ।



**ଗୋଲ୍ଡ ଇଟିଏଫ୍** (Gold ETF): ଏହା ହେଉଛି ଏକ ପ୍ରକାରର ଡିଜିଟାଲ୍ ବିନିଯୋଗ, ଯାହା ଭୌତିକ ସୁନାର ମୂଲ୍ୟ ସହିତ ଜଡ଼ିତ । ଏହାର ଅର୍ଥ ହେଉଛି, ଯେତେ ୟୁନିଟ୍ କିଣାଯାଏ, ସେତିକି ପରିମାଣର ସୁନା ଏକ ସୁରକ୍ଷିତ ଗୋଦାମରେ (ଭଣ୍ଡାରରେ) ସଂରକ୍ଷିତ ହୋଇରହିଥାଏ । ସୁନା କିଣା ପରେ, କମ୍ପାନୀ ତା'ର ସମାନ ମୂଲ୍ୟର ଇଟିଏଫ୍ ୟୁନିଟ୍ ଜାରି କରେ, ଏହି ୟୁନିଟ୍‌ଗୁଡ଼ିକ ଷ୍ଟକ୍ ମାର୍କେଟରେ (ଯେପରି BSE କିମ୍ବା NSE) ଷ୍ଟକ୍ ଭଳି କ୍ରୟ-ବିକ୍ରୟ ହୋଇଥାଏ ।




**ଗୋଲ୍ଡ ମ୍ୟୁଚୁଆଲ୍ ଫଣ୍ଡ** : ନିବେଶ ପାଇଁ ଗୋଲ୍ଡ ମ୍ୟୁଚୁଆଲ୍ ଫଣ୍ଡ ହେଉଛି ଅନ୍ୟ ଏକ ବିକଳ୍ପ ।







# ସୁନା ମୂଲ୍ୟ ବୃଦ୍ଧିର କାରଣ

ସୁନା ସର୍ବଦା ଏକ ସୁରକ୍ଷିତ ଓ ମୂଲ୍ୟବାନ ଧାତୁ ରୂପେ ଆଦୃତ। ସୁନାର କ୍ରମାଗତ ମୂଲ୍ୟ ବୃଦ୍ଧି ଏକ ଗମ୍ଭୀର ଓ ଜଟିଳ ସମସ୍ୟା। ମୂଲ୍ୟ ବୃଦ୍ଧିର ମୁଖ୍ୟ କାରଣ ଗୁଡ଼ିକ ହେଲା:-

**ମୁଦ୍ରାସ୍ଫୀତି** (Inflation) : ମୁଦ୍ରାସ୍ଫୀତି ହେତୁ ଟଙ୍କାର ପ୍ରକୃତ ମୂଲ୍ୟ କମି ଯାଏ। ଏହି ସମୟରେ ଲୋକେ ଅନ୍ୟ ଦ୍ରବ୍ୟ ବଦଳରେ ଅଧିକ ସୁନା କିଣି ନିଜକୁ ସୁରକ୍ଷିତ ରଖିବାକୁ ପସନ୍ଦ କରନ୍ତି।

**ଦୁର୍ବଳ ଆମେରିକୀୟ ମୁଦ୍ରା** : ସୁନାର ମୂଲ୍ୟ ଡଲାରରେ ନିର୍ଦ୍ଧାରିତ ହୋଇଥାଏ। ଡଲାର ଦୁର୍ବଳ ହେବା ଅର୍ଥ, ବିଦେଶୀ କ୍ରେତାମାନେ ଶସ୍ତାରେ ସୁନା କିଣିବାର ସୁଯୋଗ ପାଇଥାଆନ୍ତି। ଏହାଦ୍ୱାରା ସୁନାର ଚାହିଦା ବଢ଼ିବା ସହ ମୂଲ୍ୟ ବୃଦ୍ଧି ହୋଇଥାଏ।

**ବିଶ୍ୱ ଅସ୍ଥିରତା** : କ୍ରମାଗତ ଯୁଦ୍ଧ ଏବଂ ରାଜନୈତିକ ଅସ୍ଥିରତା ବିଶ୍ୱରେ ଅଶାନ୍ତି ଓ ଅରାଜକତା ସୃଷ୍ଟି କରେ। ଏପରି ସମୟରେ ନିବେଶକମାନେ ସୁନାରେ ଅଧିକ ନିବେଶ କରିବାକୁ ଶ୍ରେୟ ମଣନ୍ତି।

**ସୁଧ ହାରରେ ହ୍ରାସର ଆଶଙ୍କା** : ବ୍ୟାଙ୍କ ସୁଧ ହାର କମିଲେ, ବ୍ୟାଙ୍କ ଡିପୋସିଟ୍ ପରିବର୍ତ୍ତେ ସୁନା ଅଧିକ ଆକର୍ଷଣୀୟ ହୋଇଉଠେ। ସୁନାରୁ ଯଦିଓ କିଛି ସୁଧ ମିଳି ନାହିଁ, ଏହାର ମୂଲ୍ୟ, ଲୋକପ୍ରିୟତା ଓ ସୁରକ୍ଷା ନିବେଶକଙ୍କୁ ସୁନାରେ ବିନିଯୋଗ ପାଇଁ ଉତ୍ସାହିତ କରିଥାଏ।

**ଆଭୂଷଣ ଓ ପର୍ବପର୍ବାଣିରେ ସୁନାର ଚାହିଦା** : ଧାର୍ମିକ ବିଶ୍ୱାସ ଓ ପାରମ୍ପରିକ ପ୍ରଥା ଅନୁସାରେ ଅନେକ ଲୋକ, ଧନତେରସ୍, ଦୀପାବଳି ଆଦି ପର୍ବରେ ସୁନା କିଣି ଥାଆନ୍ତି। ବିବାହ ଅବା କୌଣସି ଶୁଭ କାମରେ ସୁନା କିମ୍ବା ସୁନା ଗହଣାର କାରବାର ହେତୁ ସୁନାର ଚାହିଦା ବଢ଼ିଯାଏ। ଏହା ମୂଲ୍ୟ ବୃଦ୍ଧିର ଅନ୍ୟ ଏକ କାରଣ। ସୁନା ଉତ୍ତୋଳନ, ପ୍ରକ୍ରିୟା କରଣ, ସରବରାହ ଓ ସୁନା ଗଚ୍ଛିତ ଜନିତ ଖର୍ଚ୍ଚରେ ବୃଦ୍ଧି, ଖଣି ଖନନରୁ ଆରମ୍ଭ କରି ବିକ୍ରୟ ଯୋଗ୍ୟ ହେବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ମୂଲ୍ୟ ବୃଦ୍ଧି ସୁନା ଦର ବଢ଼ାଇ ଦିଏ।

**ସେୟାର୍ ବଜାର ଓ ଆର୍ଥିକ ମାନ୍ଦାବସ୍ଥା** : ସେୟାର୍ ବଜାରରେ ଅସ୍ଥିରତା ଓ ଦେଶର ଆର୍ଥିକ ସଙ୍କଟ ସମୟରେ ବିନିଯୋଗକାରୀମାନେ ସୁନାକୁ 'ସେଫ୍ ହେଭେନ୍' (Safe Haven) ବା ଏକ ନିରାପଦ ନିବେଶ ଭାବେ ଦେଖିଥାଆନ୍ତି। ଏଥିରେ ଅଧିକ ଟଙ୍କା ଖଟାଇବା ଫଳରେ ସୁନାର ଚାହିଦା ବଢ଼ିବା ସହ ଦର ମଧ୍ୟ ବଢ଼ିଯାଏ।

**ନିବେଶ ବିଚାରଧାରାରେ ପରିବର୍ତ୍ତନ**: ବ୍ୟାଙ୍କ ଜମା, ସରକାରୀ ବଣ୍ଡ, ସେୟାର୍ ବଜାର ପରି ପାରମ୍ପରିକ ବିନିଯୋଗ ସହ ଯୋଡ଼ି ହୋଇଛି ସୁନା ନିବେଶର ଏକ ନୂଆ ଫର୍ଦ୍ଦ। ସୁନା ପ୍ରତି ନିବେଶକମାନଙ୍କର ଆଗ୍ରହ ବଢ଼ି ଚାଲିଛି। ସୁନା ମୁଦ୍ରା, ସୁନା ଗହଣା, ସୁନା ଇଟିଏଫ୍(ETF), ସୁନା ମ୍ୟୁଚୁଆଲ ଫଣ୍ଡ, ଡିଜିଟାଲ୍ ସୁନା କିଣିବା ଫଳରେ ସୁନାର ଚାହିଦା ବଢ଼ିବା ସହ ଦର ମଧ୍ୟ ବଢ଼ି ଚାଲିଛି।

**ଆନ୍ତର୍ଜାତୀୟ ବଜାରରେ ସୁନା** : ସୁନା ଏକ ଆନ୍ତର୍ଜାତୀୟ ବସ୍ତୁ। ଏହାର ମୂଲ୍ୟ, ମୁଖ୍ୟତଃ ଲଣ୍ଡନ, ନ୍ୟୁୟର୍କ, ସାଂଘାଇ ଭଳି ବଡ଼ ବଜାରରେ ନିର୍ଦ୍ଧାରିତ ହୋଇଥାଏ। ସୁନାର ମୂଲ୍ୟ ଡଲାରରେ ମପା ଯାଏ। ସାଧାରଣତଃ, ଯେତେବେଳେ ଆମେରିକୀୟ ଡଲାର ଦୁର୍ବଳ ହୁଏ, ସୁନାର ମୂଲ୍ୟ ବୃଦ୍ଧି ହୁଏ।

**ସୁନାର ସୀମାବଦ୍ଧତା** (Limitation): ଦେଶ ଓ ଜନସାଧାରଣଙ୍କ ପାଇଁ ସୁନା ଅନେକ ଗୁରୁତ୍ୱ ବହନ କରେ। ସୁନାର ମଧ୍ୟ କିଛିଟା ଲିମିଟେସନ୍ ରହିଛି।

**ଉତ୍ପାଦନ ଖର୍ଚ୍ଚ** : ସୁନା ଉତ୍ତୋଳନ ଏବଂ ପରିଷ୍କରଣ ଏକ ଖର୍ଚ୍ଚବାହୀ ପ୍ରକ୍ରିୟା, ଯାହା ପରିବେଶ ଉପରେ ପ୍ରଭାବ ପକାଏ।

**ଆମଦାନୀର ପ୍ରଭାବ** : ଭାରତ ଅଧିକାଂଶ ସୁନା ଆମଦାନୀ କରେ, ସେଥିପାଇଁ ବିଦେଶୀ ମୁଦ୍ରା ବ୍ୟୟ କରିବାକୁ ହୁଏ, ଯାହା ବାଣିଜ୍ୟ ନିଅଣ୍ଟ (Trade Deficit) ବୃଦ୍ଧି କରିପାରେ।

**ବିଦେଶୀ ମୁଦ୍ରା ଭଣ୍ଡାରରେ ସୁନା** : ପ୍ରତ୍ୟେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ (ଭାରତରେ RBI) ବିଦେଶୀ ମୁଦ୍ରା ଭଣ୍ଡାର (Foreign Exchange Reserves) ରଖେ। ଏହି ଭଣ୍ଡାରରେ ମୁଖ୍ୟତଃ ଡଲାର, ୟୁରୋ ଭଳି ବିଦେଶୀ ମୁଦ୍ରା, ବିଭିନ୍ନ ବଣ୍ଡ (Bonds) ଏବଂ ସୁନା ରହିଥାଏ। ବିଦେଶୀ ମୁଦ୍ରା ଭଣ୍ଡାର ଦେଶର ଅର୍ଥନୈତିକ ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ନିବେଶର ବିକଳ୍ପ




**ସୁନା ଇ.ଟି.ଏଫ୍.** : ସୁନା ନିବେଶର କେତୋଟି ବିକଳ୍ପ ମଧ୍ୟରୁ ସୁନା ଇ.ଟି.ଏଫ୍. ହେଉଛି ସମସ୍ତଙ୍କୁ ସୁହାଇଲା ପରି ଏକ ସରଳ, ସହଜ ଓ ସୁବିଧା ପଦ୍ଧତି। ଏଥିରେ ନିବେଶକ ଯେତେ ବିନିଯୋଗ କରେ, ସେତିକି ପରିମାଣର ସୁନା କିଣା ଯାଇ ତା' ନାଁରେ ଗଚ୍ଛିତ ରହେ। ପ୍ରତିବଦଳରେ ନିବେଶକକୁ ଆନୁପାତିକ ୟୁନିଟ୍ ମିଳେ। ଯେତେବେଳେ ସୁନାର ମୂଲ୍ୟ ବୃଦ୍ଧି ପାଏ, ସେତେବେଳେ ଇ.ଟି.ଏଫ୍. ୟୁନିଟ୍‌ର ମୂଲ୍ୟ ବୃଦ୍ଧି ପାଏ। ଏଥିରେ ସୁନା ଚୋରିର ଭୟ ନଥାଏ; ଗଢ଼ା ମଜୁରି ଲାଗେ ନାହିଁ। ସୁନାର ଶୁଦ୍ଧତାରେ ସନ୍ଦେହ ରହେ ନାହିଁ। ସେୟାର୍ ବଜାରରେ ସହଜରେ କିଣା ବିକାର ସୁବିଧା ଆଦି ସୁନା ଇ.ଟି.ଏଫ୍.ର ଲୋକପ୍ରିୟତାକୁ ବଢ଼ାଇ ଚାଲିଛି। ସୁନାରେ ବିନିଯୋଗ ନିବେଶକୁ ସ୍ଥିରତା ଓ ସୁରକ୍ଷା ଦେବା ସହ ବିନିଯୋଗକାରୀଙ୍କ ଆର୍ଥିକ ପ୍ରଗତି ଓ ମାନସିକ ଶାନ୍ତି ଆଣିବାରେ ସହାୟକ ହେବ।

ପ୍ରତ୍ୟେକ ବିନିଯୋଗ ଉପାୟରେ କିଛି ନା କିଛି ଲାଭ ଓ କ୍ଷତି ରହିଛି। ଗୋଲ୍‌ଡ ଇ.ଟି.ଏଫ୍. ହେଉଛି ଭୌତିକ ସୁନା କିଣିବାର ଏକ ଆଧୁନିକ, ସୁବିଧାଜନକ ଏବଂ ଖର୍ଚ୍ଚ-ଅନୁକୂଳ ବିକଳ୍ପ। କେବଳ ବିନିଯୋଗ ଉଦ୍ଦେଶ୍ୟରେ ସୁନା କିଣିବାକୁ ଚାହୁଁଥିଲେ (ଅଳଙ୍କାର ନୁହେଁ), ସୁବର୍ଣ୍ଣ ଇ.ଟି.ଏଫ୍. ଏକ ଭଲ ପସନ୍ଦ।

## ମୁଦ୍ରା ମୂଲ୍ୟ ସ୍ଥିର ରଖିବା



ଯେତେବେଳେ ଦେଶୀୟ ମୁଦ୍ରାର ମୂଲ୍ୟ ଅଧିକ କମିଯାଏ, କେନ୍ଦ୍ରୀୟ ବ୍ୟାଙ୍କ ବିଦେଶୀ ମୁଦ୍ରା ବିକ୍ରି କରି ଦେଶୀୟ ମୁଦ୍ରା କିଣେ, ଯଦ୍ୱାରା ଏହାର ମୂଲ୍ୟ ସ୍ଥିର ରହେ। ଏହି ସମୟରେ ସୁନା ଏକ ବିଶ୍ୱସନୀୟ ଏବଂ ତରଳ (Liquid) ସମ୍ପତ୍ତି ଭାବରେ କାର୍ଯ୍ୟ କରେ। ଆବଶ୍ୟକ ସମୟରେ କେନ୍ଦ୍ରୀୟ ବ୍ୟାଙ୍କ ସୁନାକୁ ବିଦେଶୀ ମୁଦ୍ରାରେ ପରିଣତ କରି ଅର୍ଥନୈତିକ ସଙ୍କଟର ମୁକାବିଲା କରିଥାଏ।

ଅର୍ଥନୀତିକୁ ସୁଦୃଢ଼ କରିବାରେ ସୁନାର ପ୍ରମୁଖ ଭୂମିକା ରହିଛି। ତେଣୁ ଲୋକେ ସୁନାରେ ଅଧିକ ନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ■

କଳିଙ୍ଗନଗର, ଭୁବନେଶ୍ୱର
ମୋ: ୭୩୮୧୦୪୬୪୭୭



# ସୁବର୍ଣ୍ଣ ମୋହ



ଶ୍ୱେତା ରାଉତ

**ସୁନା ମୁଖ୍ୟତଃ ସୂର୍ଯ୍ୟ ଏବଂ ବୃହସ୍ପତି ଗ୍ରହ ସହିତ ଜଡ଼ିତ । ସୁନା ପିନ୍ଧିବା ଦ୍ୱାରା ସୂର୍ଯ୍ୟଙ୍କ ଶୁଭ ଶକ୍ତି ସୁଦୃଢ଼ ହୁଏ । ସୂର୍ଯ୍ୟ ଆତ୍ମା, ଆତ୍ମବିଶ୍ୱାସ ଏବଂ ଖ୍ୟାତିର ପ୍ରତୀକ, ଯାହା ବ୍ୟକ୍ତିଙ୍କ ଜୀବନର ଗୌରବ, ସମୃଦ୍ଧି ଏବଂ ସୌଭାଗ୍ୟକୁ ବୃଦ୍ଧି କରେ । ସୁନା କେବଳ ଏକ ଧାତୁ ବା ସାଜସଜ୍ଜା (ଶୃଙ୍ଗାର) ପାଇଁ ଏକ ଗହଣା ବା ଆଭୂଷଣ ନୁହେଁ, ବରଂ ଏହା ଚିରସ୍ଥାୟୀ ଏବଂ ମୂଲ୍ୟବୋଧର ଜୀବନ୍ତ ସାକ୍ଷ୍ୟ, ଯାହା ମହିଳାମାନଙ୍କ ପିଢ଼ିକୁ ଦୃଢ଼ ଭାବରେ ଗଠନ ଏବଂ ପରିଷ୍କୃତ କରିଛି । ସାଂସ୍କୃତିକ ଐତିହ୍ୟ ସହ ସୁନାର ଗଭୀର ସଂଯୋଗ ରହିଛି, ଯାହା ଅତୀତ ଓ ବର୍ତ୍ତମାନ ମଧ୍ୟରେ ଏକ ସ୍ପଷ୍ଟ ସମ୍ପର୍କକୁ ପ୍ରତିପାଦିତ କରିଛି । ଶାଶୂରୁ ବୋହୂ ବା ପିଢ଼ିରୁ ପିଢ଼ି ଏକ ଆଶୀର୍ବାଦ ସ୍ୱରୂପ ସ୍ତ୍ରୀଧନ ଭାବେ ପାରମ୍ପରିକ ଯାତ୍ରାର ମୁଖ୍ୟ ଭୂମିକା ନେଇଛି ସୁନା । ସୁନା ସ୍ମୃତି ବା ସମ୍ପର୍କର ମିଠାପଣକୁ ଦୀର୍ଘସ୍ଥାୟୀ ରଖିବାରେ ସାହାଯ୍ୟ କରେ । ସୁନା ସଂସ୍କୃତି, ଐତିହ୍ୟ, ଭାବପ୍ରବଣତା, ସଫଳତା, ପରିପାଟୀ, ବ୍ୟକ୍ତିଗତ ଅଭିବ୍ୟକ୍ତିର ଜଟିଳ ସୂତ୍ରଗୁଡ଼ିକ ଏକତ୍ର କରି ଧାରଣ କରୁଥିବା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରେ ।**



## ସୁନା ପରିଧାନର ନିୟମ

ଭାରତୀୟ ସଂସ୍କୃତିରେ ସୁନା ସମୃଦ୍ଧି, ପରମ୍ପରା, ସୁରକ୍ଷା, ସୌନ୍ଦର୍ଯ୍ୟ, ସୌଭାଗ୍ୟ ଓ ଭାବପ୍ରବଣତାର ପ୍ରତୀକ । ତେଣୁ ବିବାହ ଭଳି ଗୁରୁତ୍ୱପୂର୍ଣ୍ଣ ଅବସରରେ ଏହାକୁ ପାରମ୍ପରିକ ଗହଣା ଭାବେ ପରିଧାନ କରାଯାଏ । ସୁନା ଅଳଙ୍କାର ମହିଳାମାନଙ୍କୁ ନିଜକୁ ପରିପ୍ରକାଶ କରିବାର ସୁଯୋଗ ଦିଏ । ସୁନା ଅଣ୍ଟାର ଉପରେ ପିନ୍ଧିବା ଉଚିତ, ଯେପରିକି ବେକ, କାନ, ହାତ ଏବଂ ସିନ୍ଥି ବା କପାଳରେ । ଅଣ୍ଟା ତଳେ ସୁନା ପିନ୍ଧିବା ବର୍ଜନୀୟ । କାରଣ ଏହା ଦ୍ୱାରା ଦେବୀ ଲକ୍ଷ୍ମୀ ଏବଂ ଭଗବାନ ବିଷ୍ଣୁଙ୍କ ଅପମାନ ହୋଇଥାଏ ବୋଲି ବିବେଚନା କରାଯାଏ । ଏହାକୁ ଅବମାନନା କଲେ ଆର୍ଥିକ ଏବଂ ଅନ୍ୟାନ୍ୟ ଅନେକ ସମସ୍ୟା ସୃଷ୍ଟି ହୋଇଥାଏ । ସୁନାକୁ ମଥାମଣି ଭାବେ ମଥାରେ ପିନ୍ଧିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସୁଖ ଶାନ୍ତି ରହିଥାଏ ବୋଲି ବିଶ୍ୱାସ ରହିଛି । ବେକ ସହିତ ହୃଦୟ ଓ କଣ୍ଠଚକ୍ରର ସିଧାସଳଖ ସଂଯୋଗ ରହୁଥିବାରୁ ବେକରେ ସୁନା ପିନ୍ଧିଲେ ହୃଦୟ ସହଜ ରହିଥାଏ । ହାତରେ ସୁନା ଚୁଡ଼ି ପିନ୍ଧିବା ଦ୍ୱାରା ସମୃଦ୍ଧି ଓ ସୁରକ୍ଷା ପ୍ରାପ୍ତ ହୋଇଥାଏ, ଗ୍ରହଦୋଷର ପ୍ରଭାବ ରହି ନ ଥାଏ । ଲୋକମାନେ ଅନାମିକା ଆଙ୍ଗୁଠିରେ (ଆଙ୍ଗୁଠି ଏବଂ ମଧ୍ୟମା ଆଙ୍ଗୁଠି ମଧ୍ୟରେ ଥିବା ଆଙ୍ଗୁଠି) ସୁନା ପିନ୍ଧନ୍ତି କାରଣ ଏହା ପ୍ରେମ, ନିର୍ବନ୍ଧ ଏବଂ ବିବାହର ପ୍ରତୀକ । ସେହିପରି ଏହା 'ଭେନ୍ ଆମୋରିସ୍' କିମ୍ବା 'ପ୍ରେମର ଶିରା' ସହିତ ଜଡ଼ିତ ବୋଲି ବିଶ୍ୱାସ କରାଯାଏ, ଯାହା ସିଧାସଳଖ ହୃଦୟକୁ ଗତି କରେ । ଧାର୍ମିକ ଏବଂ ଜ୍ୟୋତିଷ ବିଶ୍ୱାସ ଅନୁସାରେ, ସୁନା ପିନ୍ଧିବା ଦ୍ୱାରା ଧନ, ସମୃଦ୍ଧି ଓ ସକାରାତ୍ମକ ଶକ୍ତି ମିଳିଥାଏ । କଟିସୂତ୍ର (କମର ଚାରିପାଖରେ ପିନ୍ଧାଯାଉଥିବା ଚେନ) ବିବାହିତ ମହିଳାଙ୍କ ଷୋହଳ ଅଳଙ୍କାରର ଏକ ଅଂଶ, ଯାହା ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି କରେ ଏବଂ ସେମାନଙ୍କୁ ଗୃହିଣୀର ମାନ୍ୟତା ଦିଏ । କମର ବା ଅଣ୍ଟା ତଳକୁ ସୁନା ପିନ୍ଧା ଯାଏ ନାହିଁ ।



## ସୁନାର ଉତ୍ପତ୍ତି

ହିନ୍ଦୁ ପୌରାଣିକ କଥା ଅନୁସାରେ, ସୁନାକୁ ବ୍ରହ୍ମାଣ୍ଡର ଆତ୍ମା ବୋଲି ବିବେଚନା କରାଯାଏ । କିମ୍ବଦନ୍ତୀ କହେ ଯେ, ଏକ ଦୁଃଖଦ ଏବଂ ନିର୍ଜୀବ ଜଗତରେ, ସୃଷ୍ଟିକର୍ତ୍ତା ତାଙ୍କ ଶରୀରରୁ ଜଳ ସୃଷ୍ଟି କଲେ ଏବଂ ଏକ ବୀଜରୋପଣ କଲେ, ଯାହା ଏକ ସୁବର୍ଣ୍ଣ ଅଣ୍ଡାରେ ପରିଣତ ହେଲା । ଯାହାର ଆଲୋକ ସୂର୍ଯ୍ୟ ପରି ଉଜ୍ଜ୍ୱଳ ଥିଲା । ଏହି ସୁବର୍ଣ୍ଣ ଅଣ୍ଡାରୁ, ସୃଷ୍ଟିକର୍ତ୍ତା ସ୍ୱୟଂ ବ୍ରହ୍ମା ଭାବରେ ପୁନର୍ଜନ୍ମ ପାଇଲେ । ତା'ପରେ ତାଙ୍କର ନାମ 'ହିରଣ୍ୟଗର୍ଭ' ରଖାଯାଇଥିଲା - ଯାହାର ଅର୍ଥ ସୁନାରୁ ଜନ୍ମ ।

'ହିରଣ୍ୟଗର୍ଭ' ଏକ ସଂସ୍କୃତ ଶବ୍ଦ ଯାହାର ହିନ୍ଦୀ ଅନୁବାଦର ଅର୍ଥ 'ସୁବର୍ଣ୍ଣ ଭ୍ରୂଣ', 'ସୁବର୍ଣ୍ଣ ଗର୍ଭ', କିମ୍ବା 'ସୁବର୍ଣ୍ଣ ଅଣ୍ଡା' । ଏହା ଦୁଇଟି ଶବ୍ଦରୁ ଉତ୍ପନ୍ନ: ହିରଣ୍ୟ, ଯାହାର ଅର୍ଥ 'ସୁବର୍ଣ୍ଣ' କିମ୍ବା ସ୍ୱାମୀ ଆତ୍ମଶ୍ରଧାନନ୍ଦଙ୍କ ଦ୍ୱାରା ଲିଖିତ 'ଗୀତା ଫର୍ ଏଭ୍ରିଡେ ଲିଭିଂ: ଏକ୍ସପ୍ଲୋରିଂ ଦି ମେସେଜ୍ ଅଫ୍ ଦି ଗୀତା' ପୁସ୍ତକ ଅନୁଯାୟୀ, ସୁନା ସମସ୍ତ ଧାତୁ ମଧ୍ୟରୁ ସର୍ବାଧିକ ସାତ୍ତ୍ୱିକ ।


ସତ୍ତ୍ୱ ହେଉଛି ତିନି ଗୁଣ ମଧ୍ୟରୁ ଗୋଟିଏ, ଯାହା ହିନ୍ଦୁ ଦର୍ଶନର ସାଂଖ୍ୟ ବିଦ୍ୟାଳୟ ଦ୍ୱାରା ବିକଶିତ ଏକ ଦାର୍ଶନିକ ଏବଂ ମନସ୍ତାତ୍ତ୍ୱିକ ନୀତି । ଏହା ମଙ୍ଗଳ, ସକାରାତ୍ମକ, ସତ୍ୟ, ଆନନ୍ଦ, ଧୈର୍ଯ୍ୟ, ପୂର୍ଣ୍ଣତା, ସୃଜନଶୀଳତା, ସନ୍ତୁଳନ, ଆତ୍ମବିଶ୍ୱାସ, ଶାନ୍ତି ଏବଂ ପବିତ୍ରତାକୁ ପ୍ରତିନିଧିତ୍ୱ କରେ ।




ଯାହା ।
ଧାର୍ମିକତା ଏବଂ ଜ୍ଞାନ ଆଡ଼କୁ ନେଇଯାଏ । ସୁନା ଏକ ଧାତୁ ଯାହା ସାତ୍ତ୍ୱିକ ଏବଂ ଚୈତନ୍ୟ (ଦିବ୍ୟ ଚେତନା) ସମୃଦ୍ଧ ତରଙ୍ଗକୁ ଶୋଷିତ କରେ । ଆଉ ସେଗୁଡ଼ିକକୁ ବାୟୁମଣ୍ଡଳରେ ବିକିରଣ କରେ । ସୁନା ତେଜସ୍ (ଚରମ ଅଗ୍ନି ତତ୍ତ୍ୱ) ରୂପରେ ଚୈତନ୍ୟ ସମୃଦ୍ଧ ତରଙ୍ଗକୁ ସଂରକ୍ଷଣ କରିବାରେ ମଧ୍ୟ ସହାୟକ ହୁଏ ।

ତେଣୁ, ଏହା ବିଶ୍ୱାସ କରାଯାଏ ଯେ, ସୁନା ଅଳଙ୍କାର ପିନ୍ଧିବା ଦ୍ୱାରା ଜଣେ ବ୍ୟକ୍ତିକୁ ସତ୍ତ୍ୱ ଏବଂ ଚୈତନ୍ୟର ଲାଭ ମିଳିଥାଏ । 'ଧନ' ଏବଂ ଗର୍ଭ, ଯାହାର ଅର୍ଥ 'ଗର୍ଭ', 'ଜୀବାଣୁ/ବୀଜ' କିମ୍ବା 'ସାର' । ସୁନାକୁ ଅଗ୍ନି (ଅଗ୍ନିର ଦେବତା)ର ବୀଜ ମଧ୍ୟ କୁହାଯାଏ । ମହିଳାମାନଙ୍କ ଶରୀରରୁ ଏକ ପ୍ରକାର ଡୋପମାଇନ୍ ହର୍ମୋନ ନିର୍ଗତ ହୁଏ, ଯାହା ସୁନା ପରି ଏକ ଧାତୁ ବା ସୁନାକୁ ଆକର୍ଷିତ କରେ । ତେଣୁ ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ସୁନା ପ୍ରତି ଅଧିକ ଆକର୍ଷିତ ହୁଅନ୍ତି ।







## ସୁନା ପିନ୍ଧିବାର ବୈଜ୍ଞାନିକ କାରଣ

ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସୁନା କାନଫୁଲ ପିନ୍ଧିବା ଦ୍ୱାରା ଆଖିରେ ଘର୍ଷଣ କମିଥାଏ । ଦୃଷ୍ଟି ଶକ୍ତି ଉନ୍ନତ ହୋଇଥାଏ । କାନରେ ଥିବା ସ୍ନାୟୁଗୁଡ଼ିକ ଆଖି ସହିତ ସଂଯୁକ୍ତ, ତେଣୁ ସୁନା କାନଫୁଲ ପିନ୍ଧିବା ଦ୍ୱାରା ଦୃଷ୍ଟିଶକ୍ତି ତୀକ୍ଷ୍ଣ ହୋଇଥାଏ । ସୁନା କାନଫୁଲ ପିନ୍ଧିବା ଦ୍ୱାରା ଅନେକ ଲାଭ ମିଳିଥାଏ । କାରଣ ଏଥିରେ ଏକ ସ୍ନାୟୁ ଥାଏ, ଯାହା ମସ୍ତିଷ୍କ ପର୍ଯ୍ୟନ୍ତ ଯାଏ । ଫଳରେ ଖୁସି ହରମୋନ ମୁକ୍ତ କରିବାରେ ସାହାଯ୍ୟ କରେ । ସୁନା ନାକ ପିନ୍ ପିନ୍ଧିଥିବା ମହିଳାମାନଙ୍କର ମାସିକ ଋତୁସ୍ରାବ ଜନିତ କଷ୍ଟ କମ୍ ହୋଇଥାଏ । ଏହା ଶିଶୁ ପ୍ରସବ ଯନ୍ତ୍ରଣା ସମୟରେ ଆରାମ ଆଣିବାରେ ମଧ୍ୟ ସାହାଯ୍ୟ କରେ । ମଣିଷ ଶରୀରରେ କିଛି ବିଦ୍ୟୁତ୍-ଚୁମ୍ବକୀୟ ଶକ୍ତି ଥାଏ, ଯାହା ଶରୀରରୁ ମୁକ୍ତ ହୋଇଥାଏ । ଗୋଲ୍ ସୁନା ଚୁଡ଼ି ପିନ୍ଧିବା ଦ୍ୱାରା ଏହି ଶକ୍ତିର କିଛି ଅଂଶ ଗ୍ରହଣ କରିବାରେ ସାହାଯ୍ୟ ହୁଏ ଏବଂ ରକ୍ତ ସଞ୍ଚାଳନ ଉନ୍ନତ ହୁଏ । ସୁନା ଆଙ୍ଗୁଠି ମୁଦି ମଧ୍ୟ ମହିଳାମାନଙ୍କ ମଧ୍ୟରେ ବହୁତ ଲୋକପ୍ରିୟ । ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଯଦି ଏହାକୁ ଏକ ନିର୍ଦ୍ଦିଷ୍ଟ ଆଙ୍ଗୁଠିରେ ପିନ୍ଧାଯାଏ, ତେବେ ଏହା ଗର୍ଭାଶୟକୁ ପରିଭାଷିତ କରିବାରେ ସାହାଯ୍ୟ କରେ । ଯାହା ମହିଳାମାନଙ୍କୁ ଶୀଘ୍ର ଏବଂ ଭଲ ଭାବରେ ଗର୍ଭଧାରଣ କରିବାରେ ସାହାଯ୍ୟ କରିଥାଏ । ଶରୀରରେ ଲାଗିଥିବା ସୁନା କଟି ପଟି ମାସିକ ଋତୁସ୍ରାବ ସମୟରେ ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରେ । ଏହି କାରଣରୁ ଦକ୍ଷିଣ ଏସିଆର ଅନେକ ମହିଳା ସୁନା କମର ପଟି ପିନ୍ଧନ୍ତି ।







## ପୌରାଣିକ କିମ୍ବଦନ୍ତୀରେ ସୁନା

ଏକ କିମ୍ବଦନ୍ତୀ ଅଛି ଯେ, ଦେବୀ କାଳୀ ତାଙ୍କର ଶକ୍ତି ଏବଂ ପ୍ରଭାବକୁ ସୂଚିତ କରି ସୁନାକୁ ତାଙ୍କର ବାସସ୍ଥାନ ଭାବରେ ବାଛିଥିଲେ । ଏହା ସୁନାର ପବିତ୍ରତା ଏବଂ କଳିଯୁଗର ଶେଷ ଏବଂ ଦୁଷ୍ଟତାର ବିନାଶର ପ୍ରତୀକ ଦେବୀ କାଳୀଙ୍କ ଶକ୍ତି ମଧ୍ୟରେ ସମ୍ପର୍କକୁ ପ୍ରତିଫଳିତ କରେ । ଏକ କିମ୍ବଦନ୍ତୀ ଅଛି ଯେ, ଦେବୀ କାଳୀ ସୁନାକୁ ତାଙ୍କର ବାସସ୍ଥାନ ଭାବରେ ବାଛିଥିଲେ, ଯାହା ତାଙ୍କର ଶକ୍ତି ଏବଂ ପ୍ରଭାବକୁ ସୂଚିତ କରେ । ଏହା ସୁନାର ପବିତ୍ରତା ଏବଂ ଦେବୀ କାଳୀଙ୍କ ଶକ୍ତି ମଧ୍ୟରେ ସମ୍ପର୍କକୁ ଦର୍ଶାଏ, ଯାହା କଳିଯୁଗର ଶେଷ ଏବଂ ଦୁଷ୍ଟତାର ବିନାଶର ପ୍ରତୀକ । ରାଜା ପରୀକ୍ଷିତ ମିଛ, ଜୁଆ, ମଦ୍ୟପାନ ଏବଂ ବ୍ୟଭିଚାର ସହିତ କଳିଯୁଗକୁ ସୁନାକୁ ସ୍ଥାନ ଦେଇଥିଲେ । ସୁନା ସ୍ଥାନ ପାଇବା ମାତ୍ରେ କଳିଯୁଗ ଏହାର ପ୍ରଭାବ ଦେଖାଇଲା । ଅଦୃଶ୍ୟ ଭାବରେ ରାଜା ପରୀକ୍ଷିତଙ୍କ ସୁନା ମୁକୁଟରେ ବାସ କଲା । ଯେଉଁଥି ପାଇଁ ତାଙ୍କର ବୁଦ୍ଧି କଳୁଷିତ ହୋଇଗଲା ଏବଂ କଳିଯୁଗ ଏହାର ପ୍ରଭାବ ପାଇବା ଆରମ୍ଭ କଲା । ତେଣୁ ସୁନା ପ୍ରତି ଶ୍ରଦ୍ଧା ରହିଲେ, ତାହା ମାତା ଲକ୍ଷ୍ମୀଙ୍କ ଆଶୀର୍ବାଦ ହୋଇଥାଏ । ସୁନା ପ୍ରତି ଲୋଭ ରହିଲେ, ଅହଙ୍କାର ରହିଲେ କଳି ମାୟା ରଚେ ଓ ବୁଦ୍ଧିକୁ ଭ୍ରଷ୍ଟ କରେ । ■



## ଶ୍ରଦ୍ଧା ଓ ସମ୍ମୋହନର ପ୍ରତୀକ ସୁନା

ଜନ୍ମ ସମୟରେ, ସୁନା ସନ୍ତାନସନ୍ତତିଙ୍କ ଭବିଷ୍ୟତ ପାଇଁ ସମୃଦ୍ଧି ଏବଂ ଆଶୀର୍ବାଦର ପ୍ରତୀକ । ବଢ଼ିବା ପରେ, ସୁନା ଅଳଙ୍କାର ସେମାନଙ୍କ ପରିଚୟ ଏବଂ ଆତ୍ମ-ପ୍ରକାଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଏ । ବିବାହ ଏବଂ ଧାର୍ମିକ ସମାରୋହଗୁଡ଼ିକରେ ସୁନାକୁ ଅଗ୍ରାଧିକାର ଦିଆଯାଏ । କାରଣ ସୁନା ସୌଭାଗ୍ୟ ଓ ସମୃଦ୍ଧିର ପ୍ରତୀକ । ଯାହା ଧନ, ସ୍ଥିତି ଏବଂ ପରମ୍ପରାକୁ ସୂଚିତ କରେ । ପ୍ରତ୍ୟେକ ସୁନା ଖଣ୍ଡ, ପିଢ଼ିର କାହାଣୀ ଏବଂ ଆକାଂକ୍ଷା ବହନ କରେ । ଦୀପାବଳି ଏବଂ ଦୁର୍ଗା ପୂଜା ଭଳି ପର୍ବଗୁଡ଼ିକରେ ମହିଳାମାନେ ସୁନା ଅଳଙ୍କାରରେ ସଜ୍ଜିତ ହୋଇ ସେମାନଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି କରନ୍ତି । ସ୍ତ୍ରୀଧନ ଭାବେ ମହିଳାଙ୍କ ପାଇଁ ଗୌରବ ଓ ଆଶୀର୍ବାଦ ହୋଇଥାଏ ସୁନା । ବିବାହ ପାଇଁ, ଯୁବତୀମାନଙ୍କୁ ସୁନାରେ ସଜ୍ଜିତ କରାଯାଏ, କାରଣ ବିବାହ ସମୟରେ କନ୍ୟାଟିଏ ମାତା ଲକ୍ଷ୍ମୀ ଭାବରେ ଅଭିହିତ ହୁଅନ୍ତି ଓ ସୁନା ଲକ୍ଷ୍ମୀଙ୍କ ପ୍ରତୀକ । ବିବାହ ପରେ ସୁନା କେବଳ ଧନସମ୍ପତ୍ତିର ପ୍ରତୀକ ନୁହେଁ, ବରଂ ସୁରକ୍ଷା ଏବଂ ସ୍ଥିରତାର ଏକ ଉତ୍ସ ଭାବରେ ମଧ୍ୟ କାର୍ଯ୍ୟ କରେ । ସୁନା ଏକ ଭାରତୀୟ ମହିଳାମାନଙ୍କ ଯାତ୍ରାରେ ଗଭୀର ଭାବରେ ବୁଣାଯାଇଛି, ଯାହା ଶବ୍ଦ ବିନା ଐତିହ୍ୟ, ସମୃଦ୍ଧି ଏବଂ ନାରୀତ୍ୱକୁ ମୂର୍ତ୍ତିମନ୍ତ କରିଥାଏ ।

# ସ୍ୱର୍ଣ୍ଣ ବିବିଧତା

ସୁନା ଦର ହୁ ହୁ ହୋଇ ବଢ଼ି ଚାଲିଛି । ଏହା ସତ୍ତ୍ୱେ ବି ଲୋକଙ୍କର ସୁନା ପ୍ରତି ମୋହ ତୁଟୁନି । ଆଗକୁ ଧନତେରସ୍ ଓ ଦୀପାବଳି ଆସୁଥିବାରୁ ଏହା ଚର୍ଚ୍ଚାରେ ରହିବ । ସେହିପରି ସୁନା ପ୍ରତି ସମସ୍ତଙ୍କର ଆକର୍ଷଣ ଥିବା ବେଳେ ଠାକୁର ମଧ୍ୟ ସୁନା ପ୍ରିୟ । ତେବେ ଉତ୍ସବରେ ସୁନାରେ କିଭଳି ନିବେଶ କରାଯିବ, କେଉଁ ମନ୍ଦିରରେ ସୁନା ଉପଯୋଗ କରାଯାଇଛି, ସୁନା ଗହଣା ପାଇଁ କେଉଁମାନେ ଚର୍ଚ୍ଚିତ ଏବଂ କେଉଁ ଖାଦ୍ୟରେ ସୁନାକୁ ଉପଯୋଗ କରାଯାଇଛି, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।





## ସୁନା ପ୍ରିୟ ଠାକୁର

ଠାକୁର ମଧ୍ୟ ସୁନାପ୍ରିୟ । ବାହୁଡ଼ା ଯାତ୍ରା ପରଦିନ ଅନୁଷ୍ଠିତ ହୁଏ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁନାବେଶ । ଏହି ବେଶ ଖୁବ୍ ଦୁର୍ଲଭ ଏବଂ ଆକର୍ଷଣୀୟ । ମହଣ ମହଣ ସ୍ୱର୍ଣ୍ଣ ଆଭୂଷଣରେ ମଣ୍ଡିତ ହୋଇ ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତି ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି । ମହାପ୍ରଭୁଙ୍କ ସୁନାବେଶ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ । ଏହା ସାଧାରଣତଃ ପୌଷ ପୂର୍ଣ୍ଣିମା, ଫାଲଗୁନ ପୂର୍ଣ୍ଣିମା, ଆଷାଢ଼ ଶୁକ୍ଳ ଏକାଦଶୀ ବା ହରିଶୟନ ଏକାଦଶୀ, କାର୍ତ୍ତିକ ପୂର୍ଣ୍ଣିମା ଏବଂ ବିଜୟା ଦଶମୀ ଦିନ ଶ୍ରୀମନ୍ଦିର ରତ୍ନସିଂହାସନରେ ଅନୁଷ୍ଠିତ ହୋଇଥାଏ । କେବଳ ସମସ୍ତ ବର୍ଗର ଜନତାଙ୍କ ପାଇଁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ସିଂହଦ୍ୱାର ସମ୍ମୁଖରେ ରଥ ଉପରେ ତିନି ଠାକୁର ସୁନାବେଶରେ ସଜ ହୋଇଥାନ୍ତି ।

## ପ୍ରସାଦରେ ସ୍ୱର୍ଣ୍ଣ ଆଭୂଷଣ







ସାଧାରଣତଃ ମନ୍ଦିରରେ ନଡ଼ିଆ, କଦଳୀ, ମିଠା, ଲଡୁ ଆଦି ଭୋଗ ସ୍ୱରୂପ ପ୍ରଦାନ କରାଯାଏ । ହେଲେ ମଧ୍ୟପ୍ରଦେଶ ରତଲାମରେ ଥିବା ପ୍ରସିଦ୍ଧ ମହାଲକ୍ଷ୍ମୀ ମନ୍ଦିରରେ ଭକ୍ତ କୋଟି କୋଟି ଟଙ୍କା ଏବଂ ଗହଣା ଲାଗି କରନ୍ତି । ବିଶେଷକରି ଧନତେରାସ୍ ଏବଂ ଦୀପାବଳିରେ ଗହଣା ଓ ଟଙ୍କା ମାଳା ମା'ଙ୍କୁ ଚଢ଼ାଯାଏ । ଦୀପାବଳିରେ କେହି ବି ଏହି ମନ୍ଦିରକୁ ଆସିଲେ, ଖାଲି ହାତରେ ଫେରନ୍ତି ନାହିଁ । ଏହିଦିନ ପ୍ରସାଦ ଭାବେ ଯେଉଁ ଟଙ୍କା ଓ ଗହଣା ଚଢ଼ାଯାଏ, ତାହାକୁ ଭକ୍ତଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଏଠାରେ ଯେଉଁ ଗହଣା ପ୍ରସାଦ ଭାବେ ମିଳେ, ଲୋକେ ତାହାକୁ ଶୁଭ ବୋଲି ମାନନ୍ତି ।


## ମନ୍ଦିରରେ ସୁବର୍ଣ୍ଣ






ମନ୍ଦିର ନିର୍ମାଣରେ ବି ସୁନା ଉପଯୋଗ କରାଯାଇଛି । ଅଯୋଧ୍ୟାରେ ଥିବା ଭବ୍ୟ ରାମ ମନ୍ଦିରରେ ୪୫ କିଲୋଗ୍ରାମ ସୁନାର ଉପଯୋଗ କରାଯାଇଛି । ଏହାକୁ ମନ୍ଦିର ଦ୍ୱାର ଏବଂ ସିଂହାସନରେ ଲଗାଯାଇଛି । ଯାହାକି ପ୍ରାୟ ୫୦ କୋଟି ଟଙ୍କାର ହେବ । ସେହିପରି ତାମିଲନାଡୁରେ ଥିବା ମହାଲକ୍ଷ୍ମୀ ବା ଲକ୍ଷ୍ମୀ ନାରାୟଣ ମନ୍ଦିରରେ ସୁନା ପରତ ଚଢ଼ାଯାଇଛି । ୧୫୦୦ କିଲୋଗ୍ରାମ ସୁନା ପରତରେ ସଜା ଯାଇଥିବା ଏହି ମନ୍ଦିରକୁ ଶ୍ରୀପୁରମ ସ୍ୱର୍ଣ୍ଣ ମନ୍ଦିର କୁହାଯାଏ । ଆସାମର କାମାଖ୍ୟା ମନ୍ଦିରର ଗମ୍ବୁଜରେ ୧୯ କିଲୋଗ୍ରାମ ସୁନା ପରତ ଲାଗିଛି । ଆନ୍ଧ୍ରପ୍ରଦେଶ ତିରୁପତି ଭେଙ୍କଟେଶ୍ୱର ମନ୍ଦିରର ଗମ୍ବୁଜ ସୁନାରେ ସଜ୍ଜିତ । ଏହାର ନାଁ ଆନନ୍ଦ ନିଳୟ ଦିବ୍ୟ ବିମାନ । ମୂର୍ତ୍ତିଠାରୁ ଆରମ୍ଭ କରି କୂଅ ପର୍ଯ୍ୟନ୍ତ ସବୁକିଛି ସୁନାରେ ସଜ୍ଜିତ । ଭେଙ୍କଟେଶ୍ୱର ମନ୍ଦିର ତିରୁପତି ବାଲାଜୀ ମନ୍ଦିର ଭାବରେ ପ୍ରସିଦ୍ଧ । କୋଲକାତାସ୍ଥିତ କାଳୀଘାଟ ମନ୍ଦିରର ୩ଟି ଶିଖରରେ ସୁନା କାମ କରାଯାଇଛି । ସ୍ୱର୍ଣ୍ଣ ପତାକା ମନ୍ଦିର ମଧ୍ୟ ଶିଖରରେ ଲାଗିଛି । ଗର୍ଭଗୃହର ଶିଖର ବା ଉପରି ଭାଗ ୨୪ କ୍ୟାରେଟ୍‌ର ୫୦ କିଲୋଗ୍ରାମ ସୁନାରେ ତିଆରି କରାଯାଇଛି । ଗୁଜରାଟର ସୋମନାଥ ମନ୍ଦିର, ବନାରସ କାଶୀ ବିଶ୍ୱନାଥ ମନ୍ଦିରରେ ବି ସୁନା ପରତ ବ୍ୟବହାର କରାଯାଇଛି ।





## ଖାଦ୍ୟରେ ସୁନା

ଆଜିକାଲି ବିଭିନ୍ନ ଖାଦ୍ୟକୁ ସ୍ୱାଦିଷ୍ଟ, ଆକର୍ଷଣୀୟ ଓ ମହଙ୍ଗା କରିବା ଲାଗି ସୁନା ପରତକୁ ବ୍ୟବହାର କରାଯାଉଛି । ଖାଦ୍ୟରେ ଉପଯୋଗ ହେଉଥିବା ସୁନା ଖାଇବାଯୋଗ୍ୟ । ମୁମ୍ବାଇର ମେସି ଅଡ୍ଡା କାଫେ ଭାରତରେ ପ୍ରଥମ ଗୋଲ୍ଡ ମୋମୋକୁ ପରିଚିତ କରାଇଥିଲା । ଗୋଲ୍ଡ ଷ୍ଟିଲ୍ ବାକ୍ସରେ ଏହି ବିଶାଳ ମୋମୋ ଆସିଥାଏ ଏବଂ ଏହାର ଓଜନ ଦୁଇ କିଲୋଗ୍ରାମ । ଏହି ସ୍ୱାଦିଷ୍ଟ ମୋମୋକୁ ୬-୮ ଜଣ ଖାଇପାରିବେ । ଏହାର ଦାମ୍ ୧୨୯୯ ଟଙ୍କା । ସେହିପରି ଦିଲ୍ଲୀର ଚାନ୍ଦିନୀ ଚୌକ ସ୍ଥିତ ସିକନ୍ଦର ଆମଲେଟ୍ ଦୋକାନରେ ୨୪ କ୍ୟାରେଟ୍ ଗୋଲ୍ଡ ପ୍ଲେଟେଡ୍ ଆମଲେଟ୍ ମିଳିଥାଏ । ଏହାବାଦ୍ ଦିଲ୍ଲୀ ମୌଜପୁର ସ୍ଥିତ ଶଗୁନ ସୁଇଟ୍‌ସରେ ମିଳେ ସୁନା ମିଠା । ଏହି ମିଠାର ନାଁ ହେଉଛି ଗୋଲ୍ଡ ପ୍ଲେଟେଡ୍ । ମିଠା ଉପରେ ୨୪ କ୍ୟାରେଟ୍ ସୁନା ପରତ ଲାଗିଥାଏ । ଏହାସହ ଏଥିରେ କେଶର, କାଜୁ, ପିସ୍ତା, ବାଦାମ ଏବଂ ମହଙ୍ଗା ଡ୍ରାଏ ଫ୍ରୁଟ୍ସର ବ୍ୟବହାର କରାଯାଏ । କେଜିଏ ମିଠାକୁ ୧୬ ହଜାର ଟଙ୍କା । ସେହିପରି, ପାନ, ଆଇସ୍‌କ୍ରିମ୍, ବର୍ଗର ଆଦିରେ ୨୪ କ୍ୟାରେଟ୍ ସୁନା ପରତ ଲଗାଯାଇ ବ୍ରିକି କରାଯିବା ନଜିର୍ ଅଛି ।



## ସୁନା ସୌଖିନ





ସୁନାରୁ ବାଦ୍ ପଡ଼ିନାହାନ୍ତି ସେଲିବ୍ରିଟି । ତେବେ ସୁନାର କଥା ଉଠିଲେ ସବା ପ୍ରଥମେ ବାପି ଲହରୀଙ୍କ କଥା ସାମ୍ନାକୁ ଆସେ । ସୁନା ତାଙ୍କୁ ଏତେ ପସନ୍ଦ ଥିଲା ଯେ, ସେ ସବୁବେଳେ ସୁନା ଗହଣାରେ ନଜର ଆସୁଥିଲେ । ଭଗବାନଙ୍କ ଲକେଟ୍ ଥିବା ଚେନ୍ ପିନ୍ଧିବାକୁ ତାଙ୍କୁ ଭଲ ଲାଗୁଥିଲା । ସେହିପରି ଏକତା କପୁରଙ୍କର ପ୍ରାୟ ଅଧାରୁ ଅଧିକ ମୁଦି ହ୍ୱାଇଟ୍ ଗୋଲ୍ଡର । କେବଳ ମୁଦି ନୁହେଁ, ଗୋଲ୍ଡ ବ୍ରେସଲେଟ୍ ପିନ୍ଧିବାକୁ ସେ ଭଲପାଆନ୍ତି । ସେ ବିଶ୍ୱାସ କରନ୍ତି ସୁନାରେ ନିବେଶ କରିବା ଭଲ । ଅଭିନେତା ସଞ୍ଜୟ ଦତ୍ତ ବେକରେ ମୋଟାର ସୁନା ଚେନ୍ ଏବଂ ହାତରେ ସୁନା ମୁଦି ପିନ୍ଧୁଥିବା ଦେଖିବାକୁ ମିଳେ । ତେବେ କଣ୍ଠଶିଳ୍ପୀ ଉଷା ଉଥୁପ ମଧ୍ୟ ସୁନା ଅଳଙ୍କାରରେ ନଜର ଆସନ୍ତି ।

ଅନ୍ୟପଟେ କାନପୁରର ଗୁଗଲ ଗୋଲଡେନ୍ ବାବା ପ୍ରତିଦିନ ଚାରି କିଲୋ ଓଜନର ସୁନା ପିନ୍ଧନ୍ତି । ତେଣୁ ତାଙ୍କୁ ଗୋଲଡେନ୍ ବାବା କୁହାଯାଏ । ପୁଣେର ପ୍ରଶାନ୍ତ ସପକାଲଙ୍କୁ ଗୋଲ୍ଡ ମ୍ୟାନ ବୋଲି କୁହାଯାଏ । ତାଙ୍କର ପାଞ୍ଚ କିଲୋର ସୁନା ଆଭୂଷଣ ଥିବା ବେଳେ ତାଙ୍କର ଘଣ୍ଟା ଓ ଜୋତା ମଧ୍ୟ ସୁନାର ।

## ସୁନାରେ ନିବେଶ

ବିବାହ, ଦୀପାବଳି, ଧନତେରସ୍‌ରେ ଭାରତୀୟମାନେ ସୁନା କିଣନ୍ତି । ତେବେ ନିବେଶ ଦୃଷ୍ଟିରୁ ସୁନା ବିସ୍କୁଟ୍, ଗହଣା ଓ କଏନ୍ କାହାକୁ କିଣିବା ଠିକ୍ ସେ ସମ୍ପର୍କରେ ଅନେକ ଜାଣନ୍ତି ନାହିଁ ।

ନିବେଶ ଦୃଷ୍ଟିରୁ ସୁନା ଗହଣା ଲାଭଦାୟକ ନୁହେଁ । ଏଥିରେ ଗଢ଼ା ମଜୁରି ଏବଂ ଡିଜାଇନ୍ ପ୍ରିମିୟମ୍ ସାମିଲ ହୋଇଯାଏ । ଏହାକୁ ବିକିବା ଦ୍ୱାରା ୧୦-୧୫ ପ୍ରତିଶତ କ୍ଷତି ସହିବାକୁ ପଡ଼େ । ଅବଶ୍ୟ ନିବେଶ ଦୃଷ୍ଟିରୁ ସୁନା ବିସ୍କୁଟ ଉତ୍ତମ ବିକଳ୍ପ । ଏଥିରେ ଖାଣ୍ଟି ସୁନା ଥାଏ ଏବଂ ଗଢ଼ା ମଜୁରି କମ୍ ପଡ଼େ । ରିସେଲ୍ କରିବା ଦ୍ୱାରା ଏହାର ଦାମ୍ ବଜାର ଦର ସହିତ ସମାନ ହୁଏ । ଏହା ଉପରେ ତିନି ପ୍ରତିଶତ ଜିଏସ୍‌ଟି ଦେବାକୁ ପଡ଼ିଥାଏ । ସେହିପରି ଗୋଲ୍ଡ କଏନ ବି ନିବେଶ ଦୃଷ୍ଟିରୁ ଉତ୍ତମ । ଏହା ୨୨ ତଥା ୨୪ କ୍ୟାରେଟ୍ ଖାଣ୍ଟି ସୁନାର ହୋଇଥାଏ । ଏହା ଉପରେ ଗଢ଼ା ମଜୁରି ପଡ଼େ ନାହିଁ ଏବଂ ବଜାର ଦରରେ ଏହାକୁ ସହଜରେ ବିକିବା ସମ୍ଭବ ।



# ପ୍ରସିଦ୍ଧ ସୁନା ଭଣ୍ଡାର



ସୁନା ବିଶ୍ୱର ସବୁଠାରୁ ମୂଲ୍ୟବାନ ଧାତୁ ମଧ୍ୟରୁ ଅନ୍ୟତମ । ଭାରତୀୟ ନାରୀମାନେ ସୁନା ଅଳଙ୍କାର ପ୍ରିୟ । ସେହିପରି ବିବାହ ହେଉ କିମ୍ବା ସନ୍ତାନ ଜନ୍ମ ପ୍ରତ୍ୟେକ ଶୁଭ କାର୍ଯ୍ୟରେ ସୁନା ବ୍ୟବହାର କରାଯାଏ । ସୁନା କେବଳ ଆଭୂଷଣ କି ପରମ୍ପରାର ପ୍ରତୀକ ନୁହେଁ, ଏହା ବୈଶ୍ୱିକ ଅର୍ଥନୈତିକ ଶକ୍ତିର ମୂଳଦୁଆ । କୌଣସି ଦେଶର ଆର୍ଥିକ ସ୍ଥିରତା ଏବଂ ବିଶ୍ୱ ଆର୍ଥିକ ଅନିଶ୍ଚିତତାର ମୁକାବିଲା ପାଇଁ ସୁନା ଭଣ୍ଡାରକୁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ବିବେଚନା କରାଯାଏ । ସୁନା ଆନ୍ତର୍ଜାତୀୟ ବାଣିଜ୍ୟ ଏବଂ ଆର୍ଥିକ ସ୍ଥିରତାର ଏକ ପ୍ରମୁଖ ସ୍ତମ୍ଭ । ତେବେ ବିଶ୍ୱର ପ୍ରଭାବଶାଳୀ ସୁନା ଖଣିଗୁଡ଼ିକକୁ ନେଇ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ଆମେରିକା ବିଶ୍ୱର ସର୍ବବୃହତ୍ ସୁନା ଭଣ୍ଡାର

ବିଶ୍ୱ ସୁନା ପରିଷଦ (ଡବ୍ଲ୍ୟୁଜିସି) ବିଭିନ୍ନ ଦେଶର ସୁନା ଭଣ୍ଡାର/ଖଣିର ତାଲିକା ଜାରି କରିଥାନ୍ତି । ଏହି କ୍ରମରେ ୨୦୨୫ ମସିହା ସୁଦ୍ଧା ପରିସଂଖ୍ୟାନ ଅନୁଯାୟୀ, ଆମେରିକା ପାଖେ ବିଶ୍ୱର ସର୍ବବୃହତ ସୁନା ଭଣ୍ଡାର ଅଛି । ଆମେରିକା ପାଖେ ୮,୧୩୩ ଟନ୍ ସୁନା ରହିଛି । ଏହି ସୁନାର ମୂଲ୍ୟ ପ୍ରାୟ ୫୪୩,୪୯୯.୩୭ ନିୟୁତ ଡଲାର ଅର୍ଥାତ୍ ୪୫ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ । ଫୋର୍ଟ ନକ୍ସରେ ସୁରକ୍ଷିତ ଏହି ସୁନାକୁ ୱାଲ୍ ଷ୍ଟ୍ରିଟ୍ ଏବଂ ୱାଶିଂଟନର ଅର୍ଥନୈତିକ ମେରୁଦଣ୍ଡ ବୋଲି ବିବେଚନା କରାଯାଏ । ଏହି ସୁନା ଖଣି ନିବେଶକଙ୍କୁ ଆତ୍ମବିଶ୍ୱାସ ଦେବା ସହ ବୈଶ୍ୱିକସ୍ତରରେ ରାଜନୀତି ଏବଂ ଅର୍ଥ ବ୍ୟବସ୍ଥାକୁ ଶୀର୍ଷରେ ରଖିଥାଏ ।

## ଅଧିକ ସୁନା ଥିବା ଦ୍ୱିତୀୟ ଦେଶ ଜର୍ମାନୀ

ଜର୍ମାନୀରେ ୩,୩୫୧ ଟନ୍ ସୁନା ରହିଛି । ଅଧିକ ସୁନା ଥିବା ଦେଶ ମଧ୍ୟରେ ଜର୍ମାନୀ ଦ୍ୱିତୀୟ ସ୍ଥାନରେ ରହିଛି । ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ଜର୍ମାନୀ ସୁନାକୁ ନିଜର ଶକ୍ତି କରିଛି । ୟୁରୋଜୋନ୍ ସଙ୍କଟ ସମୟରେ ଗ୍ରୀସ୍, ପର୍ତ୍ତୁଗାଲ୍ ଏବଂ ଆଇସଲ୍ୟାଣ୍ଡ ଭଳି ଦେଶଗୁଡ଼ିକକୁ ସମର୍ଥନ କରିବାରେ ଏହି ସଂରକ୍ଷଣଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



## ତୃତୀୟରେ ଇଟାଲୀ ଏବଂ ଫ୍ରାନ୍ସ ଚତୁର୍ଥ

ଆମେରିକା ଏବଂ ଜର୍ମାନୀ ପରେ ଇଟାଲୀରେ ୨,୪୫୧.୮୪ ଟନ୍ ସୁନା ରହିଛି । ବିଗତ କିଛି ଦଶନ୍ଧି ହେବ ଇଟାଲୀର ସୁନା ସ୍ଥିର ରହିଛି । ତେବେ ୨,୪୫୧.୮୪ ଟନ୍ ସୁନା ସହିତ ଏହା ତୃତୀୟ ସ୍ଥାନରେ ରହିଛି । ବିପୁଳ ଜାତୀୟ ଋଣ ସତ୍ତ୍ୱେ ଇଟାଲୀ କେବେ ବି ନିଜର ସୁନା ବିକ୍ରି କରିବାର ରିସ୍କ ନେଇ ନାହିଁ । କାରଣ ଆର୍ଥିକ ସଙ୍କଟ ସମୟରେ ଏହି ସୁନା ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାଯ୍ୟ କରିଥାଏ । ଏହି ସଂରକ୍ଷଣଗୁଡ଼ିକ ଆର୍ଥିକ ଅସ୍ଥିରତା ସତ୍ତ୍ୱେ ଇଟାଲୀର ବିଶ୍ୱବ୍ୟାପୀ ବିଶ୍ୱସନୀୟତା ବଜାୟ ରଖିବାରେ ସାହାଯ୍ୟ କରିଥାଏ । ସେହିପରି ୨୦୦୨ ମସିହାରେ ଫ୍ରାନ୍ସରେ ୩,୦୦୦ଟନ୍‌ରୁ ଅଧିକ ସୁନା ରହିଥିଲା । ହେଲେ ବର୍ତ୍ତମାନ ପରିସ୍ଥିତିରେ ଫ୍ରାନ୍ସ ପାଖରେ ୨,୪୩୭ ଟନ୍ ସୁନା ରହିଛି । ସୁନା ରଖିବା ମାମଲାରେ ଫ୍ରାନ୍ସ ଚତୁର୍ଥ ସ୍ଥାନରେ ରହିଛି । ଏହା କେବଳ ୟୁରୋପୀୟ ସଂଘରେ ଫ୍ରାନ୍ସର ଶକ୍ତି ବୃଦ୍ଧି କରେ ତାହା ନୁହେଁ, ବରଂ ଏହା ଆମେରିକୀୟ ଡଲାର ଏବଂ ଆଇଏମ୍‌ଏଫ୍‌ର ପ୍ରାଧାନ୍ୟକୁ ସନ୍ତୁଳିତ କରିବାରେ ମଧ୍ୟ ସାହାଯ୍ୟ କରେ । ଫ୍ରାନ୍ସ ୟୁରୋର ଶକ୍ତି ଏବଂ ୟୁରୋପର ଆର୍ଥିକ ସ୍ଥିରତାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ।

## ବିଦେଶରେ ସୁନାର ଭଣ୍ଡାର

ରୁଷ୍ ପାଖରେ ୨,୩୩୩ ଟନ୍ ସୁନା ରହିଛି । ପାଶ୍ଚାତ୍ୟ ଦେଶର ପ୍ରତିବନ୍ଧକ ସତ୍ତ୍ୱେ ଏହି ଭଣ୍ଡାରଗୁଡ଼ିକ ରୁବଲକୁ ସ୍ଥିର ରଖିଥିଲା । କେବଳ ସେତିକି ନୁହେଁ, ଚୀନ୍, ଇରାନ୍, ଏବଂ ଉତ୍ତର କୋରିଆ ସହିତ ମିଳିତ ଭାବେ ରୁଷ୍ ବିକଳ୍ପ ଅର୍ଥନୈତିକ ସେତୁ ତିଆରି କରିବାକୁ ଚେଷ୍ଟା କରୁଛି । ଚୀନ୍ ପାଖେ ୨,୨୯୮ ଟନ୍ ସୁନା ରହିଛି । ଏହି ସୁନା ଭଣ୍ଡାରଟି ଚୀନ୍‌ର ରିଜର୍ଭ ୟୁଆନକୁ ଡଲାରର ବିକଳ୍ପ କରିବାକୁ ସମର୍ଥନ କରେ । ତେବେ ସୁନାର ଏହି ସମର୍ଥନ ଚୀନ୍‌କୁ ଆର୍ଥିକ ସଙ୍କଟରୁ ମଧ୍ୟ ରକ୍ଷା କରେ ।

ସେହିପରି ସ୍ୱିଜରଲ୍ୟାଣ୍ଡ ପାଖେ ୧,୦୪୦ ଟନ୍ ସୁନା ରହିଛି । ସ୍ୱିସ୍ ବ୍ୟାଙ୍କିଙ୍ଗ ସିଷ୍ଟମକୁ ଦୀର୍ଘ ସମୟ ଧରି ବିଶ୍ୱ ସମ୍ପତ୍ତି ପାଇଁ ଏକ ସୁରକ୍ଷିତ ଠିକଣା ଭାବେ ବିବେଚନା କରାଯାଇଆସୁଛି ।

ଅନ୍ୟପଟେ ନେଦରଲ୍ୟାଣ୍ଡରେ ୬୧୨.୪୫ଟନ୍, ତୁର୍କୀରେ ୫୮୪.୯୩ଟନ୍, ପର୍ତ୍ତୁଗାଲ ୩୮୨.୬୬ଟନ୍, ପୋଲାଣ୍ଡରେ ୩୭୭.୩୭ଟନ୍, ଉଜବେକିସ୍ତାନରେ ୩୬୫.୧୫ଟନ୍, ୟୁକ୍ତରାଜ୍ୟରେ ୩୧୦.୨୯ଟନ୍, କାଜାଖସ୍ତାନରେ ୨୯୮.ଟନ୍ ସୁନା ରହିଛି ।

## ଭାରତୀୟ ମହିଳାଙ୍କ ମାଲିକାନାରେ ସୁନା

ଭାରତ ପାଖରେ ଅଧିକାରିକ ଭାବେ ୮୮୦ଟନ୍ ସୁନା ରହିଛି । ଏହାର ପରିଚାଳନା ଭାରତୀୟ ରିଜର୍ଭ ବ୍ୟାଙ୍କ କରିଥାଏ । ତେବେ ଭାରତରେ ପ୍ରାୟ ୮୦% ସୁନା ଉତ୍ପାଦନ କେବଳ କର୍ଣ୍ଣାଟକରେ ହୋଇଥାଏ । କର୍ଣ୍ଣାଟକରେ ଅବସ୍ଥିତ ହୁଟି ସୁନା ଖଣି ଭାରତର ସବୁଠୁ ପୁରୁଣା ଏବଂ ଏକମାତ୍ର ପ୍ରାଥମିକ ସୁନା ଖଣି । ଏଠାରୁ ବାର୍ଷିକ ୧.୮ ଟନ୍ ସୁନା ଉତ୍ପାଦନ ହୁଏ । ସେହିପରି କର୍ଣ୍ଣାଟକ କୋଲାର ଜିଲ୍ଲାର ଅବସ୍ଥିତ କୋଲାର ଗୋଲ୍ଡ ଫିଲ୍ଡସ (କେଜିଏଫ୍) ବିଶ୍ୱର ଦ୍ୱିତୀୟ ଗଭୀରତମ ଖଣି । ଏହାବାଦ୍ ଭାରତର ଉତ୍ତରପ୍ରଦେଶ ସୋନଭଦ୍ର ଜିଲ୍ଲାରେ ସୋନଭଦ୍ର ସ୍ୱର୍ଣ୍ଣ ଖଣି, କର୍ଣ୍ଣାଟକ, ଗୋଆ ସୀମା ନିକଟରେ ଅବସ୍ଥିତ ଗନାଜୁର ଗୋଲ୍ଡ ମାଇନ୍ ଭାରତର ଏକ ପ୍ରମୁଖ ସୁନା ଖଣି । ବାକି କିଛି ରାଜ୍ୟରେ ମଧ୍ୟ ବଡ଼ ବଡ଼ ସୁନା ଖଣି ରହିଛି । କିନ୍ତୁ ଆମ ଭାରତୀୟ ମହିଳାମାନଙ୍କ ପାଖେ ପାଖାପାଖି ୨୫,୦୦୦ଟନ୍ ସୁନା ଅଛି । ଏହି ସଂଖ୍ୟା ବିଶ୍ୱର ସମସ୍ତ ଦେଶ ଅପେକ୍ଷା ବହୁତ ଅଧିକ ହୋଇଥାଏ । ଏହା ଯେ କୌଣସି ବିଶ୍ୱ ସଙ୍କଟ ସମୟରେ ଭାରତର ଅର୍ଥନୀତିକୁ ସମର୍ଥନ କରିପାରିବ । ରୁଷ୍-ୟୁକ୍ରେନ୍ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟ ସଙ୍କଟ ଭଳି ପରିସ୍ଥିତିରେ ଭାରତ ପାଇଁ ଏହାର ବୈଦେଶିକ ମୁଦ୍ରା ଭଣ୍ଡାରକୁ ସନ୍ତୁଳିତ କରିବା ଏବଂ ଶକ୍ତି ସଙ୍କଟକୁ ଏଡ଼ାଇବା ପାଇଁ ସୁନା ଏକ ପ୍ରମୁଖ ଅସ୍ତ୍ର । ଡବ୍ଲୁସିଜି ରିପୋର୍ଟ ଅନୁଯାୟୀ ଭାରତରେ ମହିଳାଙ୍କ ମାଲିକାନାରେ ଥିବା ୪୦% ସୁନା ଦକ୍ଷିଣ ଭାରତରେ ଅଛି । ଅର୍ଥାତ୍ ତାମିଲନାଡୁର ମହିଳାମାନଙ୍କ ପାଖରେ ସର୍ବାଧିକ ସୁନା ଅଛି । ■





# ଭାରତର ପ୍ରସିଦ୍ଧ ସୁନା ବଜାର

ସୁନା କେବଳ ଏକ ଧାତୁ ନୁହେଁ, ଏହାକୁ ମଣିଷ ସଭ୍ୟତାର ପ୍ରତୀକ ଭାବେ ଜଣାଯାଏ । ଭାରତରେ ସୁନାର ଚାହିଦା କାହିଁ କେଉଁ କାଳରୁ ରହି ଆସିଛି । ସୁନା ଏକ ସୁରକ୍ଷିତ ପୁଞ୍ଜି ନିବେଶ । ଭାରତୀୟ ମହିଳାମାନେ ସୁନା ଆଭୂଷଣ ପ୍ରିୟ । ଭାରତକୁ ବିଦେଶରୁ ସୁନା ଆମଦାନୀ କରାଯାଏ । ସୁନା ପ୍ରିୟ ଭାରତୀୟଙ୍କ ପାଇଁ ଦେଶରେ ଅନେକ ସୁନା ବଜାର ରହିଛି । ଭାରତର ସେଭଳି କିଛି ପ୍ରସିଦ୍ଧ ସୁନା ବଜାରକୁ ନେଇ ଏହି ଉପସ୍ଥାପନା ।






## ଏସିଆର ସବୁଠୁ ବଡ଼ ଜାଭେରି ସୁନା ବଜାର

ମୁମ୍ବାଇର ଜାଭେରି ବଜାର ଭାରତର ସବୁଠୁ ବଡ଼ ଗୋଲ୍ଡ ମାର୍କେଟ ତଥା ସୁନା ବଜାର ଭାବେ ପରିଚିତ । ଏହାକୁ ଏସିଆର ସବୁଠୁ ବଡ଼ ସୁନା ବଜାର ଭାବେ ଜଣାଯାଏ । ଏହି ସୁନା ବଜାରର ଇତିହାସ ୧୬୦ ବର୍ଷ ପୁରୁଣା । ୧୮୬୪ ମସିହାରେ ପ୍ରସିଦ୍ଧ ସୁନା ବ୍ୟବସାୟୀ ତ୍ରିଭୁବନ ଦାସ ଜାଭେରିଙ୍କ ଦ୍ୱାରା ଏହି ବଜାର ପ୍ରତିଷ୍ଠା ହୋଇଥିଲା । ତେଣୁ ଏହା ଜାଭେରି ସୁନା ବଜାର ନାମରେ ଜଣାଶୁଣା ।

## ଭାରତର ବିଭିନ୍ନ ସ୍ଥାନକୁ ସୁନା ଯୋଗାଣ

ଜାଭେରିରୁ ଭାରତର ବିଭିନ୍ନ ସ୍ଥାନକୁ ସୁନା ରପ୍ତାନୀ ହୋଇଥାଏ । ଏହି ବଜାରଟି ବିଭିନ୍ନ ଡିଜାଇନ୍ ଓ ଭେରାଇଟି ସୁନା ପାଇଁ ପ୍ରସିଦ୍ଧ । ଏଠାରେ ସୁନା ସମେତ ହୀରା ମଧ୍ୟ ବ୍ୟବସାୟ କରାଯାଏ । ଏହା ମୁଖ୍ୟତଃ ହୋଲ୍‌ସେଲ୍ ସୁନା ବଜାର ଭାବେ ଜଣାଯାଏ । ଏଠାକାର ଗହଣାର ଗୁଣବତ୍ତା ଓ ଡିଜାଇନ ଖୁବ୍ ସୁନ୍ଦର ହୋଇଥାଏ । ଏଠାରୁ ଏକା ସାଙ୍ଗରେ ଅଧିକ ସୁନା କିଣିଲେ ରିହାତି ମିଳିଥାଏ ।



## ଗୋଲ୍ଡ କ୍ୟାପିଟାଲ୍ ଅଫ୍ ଇଣ୍ଡିଆ : ତ୍ରିଶୂର

କେରଳର ତ୍ରିଶୂରକୁ 'ଗୋଲ୍ଡ କ୍ୟାପିଟାଲ୍ ଅଫ୍ ଇଣ୍ଡିଆ' କୁହାଯାଏ । ଏହି ସହର ସୁନା ବ୍ୟବସାୟ ଓ ଗହଣା ତିଆରିର ଏକ ଉତ୍କୃଷ୍ଟ କେନ୍ଦ୍ର ଭାବେ ଜଣାଯାଏ । ଏହି ସହରରେ ବହୁ ପରିମାଣରେ ସୁନା ତିଆରି କରୁଥିବା ଫ୍ୟାକ୍ଟ୍ରି ଓ କାରିଗରମାନେ ରହିଛନ୍ତି । ଦକ୍ଷିଣ ଭାରତର ସୁନା ବ୍ୟବସାୟ ପାଇଁ ଏହା ପ୍ରମୁଖ ସ୍ଥାନ ଭାବେ ଜଣାଯାଏ । ଦକ୍ଷିଣ ଭାରତରେ ଥାକଦରିଆ ସୁନା କିଣିବା ସହ ଖୁଚୁରା ସୁନା କିଣିବା ପାଇଁ ଜଣାଶୁଣା । ଏହା ବ୍ୟତୀତ ଭାରତର ଦ୍ୱିତୀୟ ମୁଖ୍ୟ ସୁନା ବଜାର ମହାରାଷ୍ଟ୍ରର ଜଳଗାଁଓ, ମଧ୍ୟପ୍ରଦେଶର ରତଲାମା ଏବଂ ଦିଲ୍ଲୀର ସରାଫା ବଜାର ସାମିଲ ହୋଇଛି ।

## ସୁବର୍ଣ୍ଣନଗରୀ 'ଜଳଗାଁଓ'

ମହାରାଷ୍ଟ୍ରର ଜଳଗାଁଓକୁ ସୁବର୍ଣ୍ଣ ନଗରୀ କୁହାଯାଏ । ଏହି ବଜାର ୧୬୦ ବର୍ଷ ପୁରୁଣା । ୧୮୬୪ ମସିହାରେ ରାଜମଲ ଲକ୍ଷ୍ମୀଚାନ୍ଦ ଜୁଏଲର୍ସ ଏହି ବଜାରର ମୂଳଦୁଆ ସ୍ଥାପନ କରିଥିଲେ । ଏହାପରେ ଧୀରେ ଧୀରେ ଏହି ବଜାର ବୃଦ୍ଧି ହୋଇଥିଲା । ଜଳଗାଁଓ ବଜାର ସୁନାର ଶୁଦ୍ଧତା, ଗୁଣବତ୍ତା, ଓ ସ୍ୱତନ୍ତ୍ର ହସ୍ତକଳା ପାଇଁ ଜଣାଯାଏ । ବିଶେଷ କରି ବଙ୍ଗାଳି ଓ ଅନ୍ୟ କାରିଗରଙ୍କ ଦ୍ୱାରା ନିର୍ମିତ ସୁନାର ସୂକ୍ଷ୍ମ କାରିଗରୀ ପାଇଁ ମହାରାଷ୍ଟ୍ର, ଗୁଜୁରାଟ ଓ ମଧ୍ୟପ୍ରଦେଶରେ ଗ୍ରାହକମାନେ ଏଠାକୁ ଆସିଥାନ୍ତି । ଏଠାରେ ଦୈନିକ ୧୦୦ କିଲୋଗ୍ରାମ ସୁନା ବିକ୍ରି ହୋଇଥାଏ । ପାଖାପାଖି ୧୦ ହଜାର ଲୋକଙ୍କୁ ଏଠାରେ ରୋଜଗାର ମିଳିଥାଏ । ଏବେ ଜଳଗାଉଁ ସହରରେ ୧୬୦ରୁ ଊର୍ଦ୍ଧ୍ୱ ସୁନା ଦୋକାନ ଓ ମଲ୍ ରହିଛି । ସେହିପରି ଜିଲ୍ଲାରେ ଏବେ ୭୦୦ ରୁ ଅଧିକ ସୁନା ଗହଣା ଦୋକାନ ରହିଛି । ଏଠାରେ ବିଭିନ୍ନ ଡିଜାଇନର ଉତ୍କୃଷ୍ଟମାନର ସୁନା ଗହଣା ମିଳିଥାଏ ।

## ଶୁଦ୍ଧ ସୁନା ପାଇଁ ପ୍ରସିଦ୍ଧ ରତଲାମା ସରାଫା ବଜାର

ମଧ୍ୟ ପ୍ରଦେଶର ରତଲାମା ସରାଫା ବଜାର ଶୁଦ୍ଧ ସୁନା ପାଇଁ ପ୍ରସିଦ୍ଧି ଲାଭ କରିଛି । ଏଠାରେ ଲୋକମାନେ ୨୨ କ୍ୟାରେଟ୍ ସୁନାଗହଣା କିଣିଥାନ୍ତି । ବିଶେଷ କରି ପର୍ବପର୍ବାଣି ତଥା ବିବାହ ସମୟରେ ଏଠାରେ ଲୋକଙ୍କ ଭିଡ଼ ଜମିଥାଏ । ଏହି ସମୟରେ ଏଠାରେ ସୁନା ଦର ବୃଦ୍ଧି ହୋଇଥାଏ । ମୂଲ୍ୟ ବୃଦ୍ଧି ସତ୍ତ୍ୱେ ରତଲାମର ଏହି ବଜାର ଗ୍ରାହକମାନଙ୍କୁ ସୁଲଭ ବିକଳ୍ପ ପ୍ରଦାନ କରିଥାଏ ।

## ଦିଲ୍ଲୀର ସରାଫା ବଜାର

ଦିଲ୍ଲୀର ସରାଫା ବଜାର, ବିଶେଷ କରି କୁଚା ମହାଜନୀ ସୁନା ଓ ଚାନ୍ଦି ବ୍ୟବସାୟ ପାଇଁ ପ୍ରସିଦ୍ଧ । ଏହି ବଜାର ସୁନା ଓ ଚାନ୍ଦିର ମୂଲ୍ୟ ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହି ବଜାର ଅନୁସାରେ ସମଗ୍ର ଦେଶରେ ସୁନା ଓ ରୁପାର ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ ।

## ଲକ୍ଷ୍ନୌ ଚୌକ୍ ସରାଫା ବଜାର

ଉତ୍ତର ପ୍ରଦେଶର ସବୁଠୁ ବଡ଼ ସୁନା ବଜାରରେ ଭାବେ ପରିଚିତ ସରାଫା ବଜାର । ଏଠାରେ ଶୁଦ୍ଧ ସୁନା ଓ ରୁପା ଅଳଙ୍କାର ଉପଲବ୍ଧ ହୋଇଥାଏ । ୧୮ କ୍ୟାରେଟ୍‌ରୁ ଆରମ୍ଭ କରି ୨୪ କ୍ୟାରେଟ୍ ପର୍ଯ୍ୟନ୍ତ ସୁନା ମିଳିଥାଏ । ଏହି ସହର ଲକ୍ଷ୍ନୌର ନବାବ ଓ ଭବ୍ୟତାର ପ୍ରତୀକ ଭାବେ ଜଣାଯାଏ । ଏଠାରେ ସୁନା, ରୁପା ସମେତ ଅନ୍ୟାନ୍ୟ ସୂକ୍ଷ୍ମ କାରିଗରୀ ଜିନିଷ ମିଳିଥାଏ ।

## ଭାରତର ପ୍ରସିଦ୍ଧ ସୁନା କମ୍ପାନୀ

ଭାରତର ପ୍ରସିଦ୍ଧ ସୁନା କମ୍ପାନୀ ମଧ୍ୟରୁ ତନିଷ୍କ ଅନ୍ୟତମ । ଏହି କମ୍ପାନୀ ୧୯୯୪ ମସିହାରେ ଅଳଙ୍କାର ଦୁନିଆରେ ପାଦ ଥାପିଥିଲା । ସୁନ୍ଦର ଓ ଆକର୍ଷଣୀୟ ଜୁଏଲାରୀ ଡିଜାଇନ୍ ପାଇଁ ଏହା ପ୍ରସିଦ୍ଧି ଲାଭ କରିଛି । ଏହା ଟାଟା ଗ୍ରୁପ୍ ଟାଇଟନ୍‌ର ଏକ ବ୍ରାଣ୍ଡ ଭାବେ ପରିଚିତ । ସେହିପରି 'ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡ' କେବଳ ଭାରତ ନୁହେଁ, ବିଶ୍ୱରେ ଏହା ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କେରଳର କୋଝିକୋଡ଼ରେ ଏହାର ମୁଖ୍ୟ କାର୍ଯ୍ୟାଳୟ ରହିଛି । ସମଗ୍ର ବିଶ୍ୱରେ ଏହାର ୨୬୦ ରୁ ଅଧିକ ଷ୍ଟୋର ରହିଛି । ସେଭଳି ୧୯୯୩ ମସିହାରେ 'କଲ୍ୟାଣ ଜୁଏଲର୍ସ' ସ୍ଥାପିତ ହୋଇଥିଲା । ଏହାର ହେଡ୍‌କ୍ୱାର୍ଟର କେରଳର ତ୍ରିଶୂରରେ ଅବସ୍ଥିତ । ଏହା ଭାରତର ପ୍ରମୁଖ ଜୁଏଲାରୀ କମ୍ପାନୀ ମଧ୍ୟରୁ ଅନ୍ୟତମ । ସେହିପରି ୨୦୦୫ ମସିହାରେ ପିସି ଜୁଏଲର୍ସ ସ୍ଥାପନ ହୋଇଥିଲା । ସାରା ଭାରତରେ ଏହାର ୮୪ ରୁ ଊର୍ଦ୍ଧ୍ୱ ସୋରୁମ୍ ରହିଛି । ଏହି ସବୁ ସୋରୁମ୍‌ଗୁଡ଼ିକରେ ବହୁ ଲାଟେଷ୍ଟ ଡିଜାଇନ୍‌ର ଅଳଙ୍କାର ମିଳିଥାଏ । ଏଥିସହ କ୍ରିଷ୍ଣା, ରିଲାଏନ୍‌ସ, ଭୀମା ଆଦି ଭାରତରେ ଅନେକ ସୁନା କମ୍ପାନୀ ରହିଛି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ହେମନ୍ତରେ ଅଦୃଶ୍ୟ ଶରତ

ବର୍ଷାନ୍ତେ ସାଧାରଣତଃ ଶରତ ଋତୁ ଆସିବା କଥା, ମାତ୍ର ଇତିମଧ୍ୟରେ ଦୁଇ ଦୁଇଟି ବର୍ଷା ଋତୁ ଚାଲିଗଲା ସିନା, ମାଷ୍ଟରକ୍ୟାଣ୍ଟିନ ହାତ ମଠରେ ଆଉ ଶରତଙ୍କୁ ଦେଖିବାକୁ ମିଳୁନାହିଁ । ଗଲା ସନ ଟାଣ ଖରାରେ ହୋଇଥିବା ନିର୍ବାଚନରେ ସାଗର ଦାସଙ୍କ ପରି ଯୁବ ନେତା, ଅଶୋକ ଦାସଙ୍କ ପରି ଉପକୂଳିଆ ସେମାନଙ୍କର ଟାଣୁଆ ପ୍ରତିପକ୍ଷଙ୍କୁ ପରାଜିତ କରି ବିଧାନସଭାକୁ ଆସିଲେ, ମାତ୍ର ହାତମଠର ମହନ୍ତ ତଥା ରାଜ୍ୟ ସଭାପତି ବାବୁ ଚିରହରିତ ଶରତ ନୂଆପଡ଼ାରେ ଚିତ୍‌ପଟାଙ୍ଗ ମାରିଲେ । ଶରତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଆଗ୍ରହ ପ୍ରକାଶ କରିବାରୁ ସେତେବେଳେ ନୂଆପଡ଼ା ଆସନ ପାଇଁ ଘାସିରାମ ମାଝିଙ୍କୁ ଦଳୀୟ ଟିକଟ ମିଳିଲା ନାହିଁ । ଯାହାର ପରିଣତି ଦଳକୁ ଭୋଗିବାକୁ ପଡ଼ିଲା, ସ୍ୱାଧୀନ ଲଢ଼ିଥିବା ଘାସିରାମ ଦ୍ୱିତୀୟ ସ୍ଥାନରେ ରହିଲେ । ହାତ ଚିହ୍ନରେ ଲଢ଼ି ଦଳ ମୁଖିଆ ଶରତ ପାଇଲେ ୪ର୍ଥ ସ୍ଥାନ । ପୁଣି ଭୋଟ ସରୁସରୁ ଦଳର ଜଣେ ଟାଣୁଆ ସଦସ୍ୟ ମାନସ ଚୌଧୁରୀଙ୍କ ବହିଷ୍କାର, ଅଧ ଡଜନେ ଦଳୀୟ କର୍ମୀଙ୍କୁ ନିଷ୍କାସନ, ମଠ ସମ୍ମୁଖରେ ଜଣେ ମହିଳା କର୍ମୀଙ୍କ ଧାରଣା ଆଦି ଘଟଣା ଦଳ ତତ୍‌କାଳୀନ ମୁଖିଆ ଶରତଙ୍କ ପଦ ନେବାକୁ ଯଥେଷ୍ଟ ଥିଲା । ଆଉ ଏହା ପରେ ହାତ ମଠରୁ ଶରତ ସମ୍ପୂର୍ଣ୍ଣ ଅଦୃଶ୍ୟ । ଏବେ ରାଜେନ୍ଦ୍ର ଢୋଲକିଆଙ୍କ ଅବର୍ତ୍ତମାନରେ ନୂଆପଡ଼ା ଉପନିର୍ବାଚନ ସମୟରେ ଦଳର କେହି ଜଣେ ବି ଶରତଙ୍କୁ ସ୍ମରଣ କରୁନାହାନ୍ତି । ଗଲା ନିର୍ବାଚନ ପରି ଏଥର ଦଳ ପୂର୍ବ ତ୍ରୁଟିର ପୁନରାବୃତ୍ତି କରିନାହିଁ କି ପ୍ରାର୍ଥୀ ମନୋନୟନ ବେଳେ ଶରତଙ୍କୁ ଲୋଡ଼ିନାହିଁ । ବିନା ବିଳମ୍ବରେ ଘାସିରାମଙ୍କୁ ନୂଆପଡ଼ାରେ ଦଳ ପ୍ରାର୍ଥୀ ଘୋଷଣା କରିଛି ଓ ଖୋଦ ମହନ୍ତ ଭକ୍ତଚରଣ ନୂଆପଡ଼ାରେ ସଦଳବଳେଡ଼େରା ପକାଇଛନ୍ତି । ସେଇଥିପାଇଁ କୁଆଡ଼େ ଶରତ ଅଦୃଶ୍ୟ... । ■



## ରାଗ ଶୁଝାଇଲେ ପାତ୍ର

ଢେର ଢେର ଟାଣୁଆ ନେତା ଓଡ଼ିଶାରେ ଖାଦ୍ୟ ଓ ଯୋଗାଣ ବିଭାଗ ମନ୍ତ୍ରୀ ହୋଇଛନ୍ତି । ଗଲା ସାତ ଦଶନ୍ଧି ମଧ୍ୟରେ ଅନେକ ମନ୍ତ୍ରୀ ବିଭିନ୍ନ ସମୟରେ ଯୋଗାଣ ବିଭାଗ ସମ୍ଭାଳିଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ନୀଳମଣି ରାଉତରାୟଙ୍କ ପରି ଖ୍ୟାତନାମା ନେତା ବି ତତ୍‌କାଳୀନ ସରକାରରେ ଯୋଗାଣ ବିଭାଗର ଦାୟିତ୍ୱ ନିର୍ବାହ କରିଛନ୍ତି । ମାତ୍ର ଏବର ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ଯେପରି 'ଆଳୁ ମନ୍ତ୍ରୀ' ଭାବରେ ପରିଚିତି ପାଇଛନ୍ତି, ସେପରି ପରିଚିତି ବା ଖ୍ୟାତି ଆଉ କାହାରିକୁ ମିଳିଥିବା ଆମେ ଜାଣିନାହୁଁ । କୃଷ୍ଣବାବୁ ଯେ ଅନ୍ୟମାନଙ୍କ ପରି ପ୍ରତିଭାଧର ନୁହନ୍ତି, ସେ କଥା ନୁହେଁ । ସେ ଏକାଧାରରେ ଜଣେ ବିଜ୍ଞାନୀ ଓ ଆଇନଜ୍ଞମଧ୍ୟ । ମାତ୍ର ବିରୋଧୀ କାହିଁକି, ତାଙ୍କ ନିଜ ଦଳର ଅନେକ ନେତା ବି ପାତ୍ର ଆଜ୍ଞା ଆଳୁ ଦୋଷରେ ପୀଡ଼ିତ ବୋଲି ଅନେକ ସମୟରେ କହୁଥିବା ଆମେ ଶୁଣିଛୁ । ତେବେ ପାତ୍ର ଆଜ୍ଞା ଯେ ନିଆଁ ଦେଖି ପାଣି ଦେବାରେ ଧୂରନ୍ଧର ଏକଥା କେହି ଅସ୍ୱୀକାର କରିପାରିବେ ନାହିଁ । ଗଲା ସନ ଆଳୁ ତିରୋଟ ସମୟରେ ମମତା ଦିଦି ଓଡ଼ିଶା ଉପରେ ଯେପରି ଅଦଉତି ସାଧିଲେ, ସେ କଥା ପାତ୍ରଆଜ୍ଞା କେବେ ଭୁଲି ନାହାନ୍ତି । ବଙ୍ଗରୁ ଆଳୁ ଆମଦାନୀ ବନ୍ଦ ପରେ ଉତ୍ତରପ୍ରଦେଶରୁ ଆଳୁ ଟ୍ରେନ୍ ଅଣାଯିବା ନେଇ ପାତ୍ର ଆଜ୍ଞା କହିଥିବା କଥା ପଦ ପାଇଁ ଏବେ ବି ଲୋକେ ତାଙ୍କୁ ଗଞ୍ଜଣା ଦେଉଛନ୍ତି । ତେଣୁ ଭିତରେ ଭିତରେ ଜଳୁଥିବା ରାଗକୁ ଏବେ ପାତ୍ର ଆଜ୍ଞା ଶୁଝାଇ ଦେଇଛନ୍ତି । ଭସାଣି ସମୟରେ କଟକରେ ଘଟିଥବା ଅଘଟଣକୁ ନେଇ ମମତା ଓଡ଼ିଶାର ବିଜେପି ସରକାରଙ୍କୁ କରିଥିବା ଆକ୍ଷେପକୁ ତାଙ୍କରି ଭାଷାରେ ଉତ୍ତର ଦେଇ ବାବୁ କୃଷ୍ଣଚନ୍ଦ୍ର ଆଶ୍ୱସ୍ତିର ନିଃଶ୍ୱାସ ମାରିଛନ୍ତି । କଥାରେ ଅଛି ପରା- ନଈଁ ପଡ଼ିଥିବ ଯେତିକି ବେଳେ, ବିଧାଏ ମାରିବ ସେତିକି ବେଳେ... । ■



## ମୁଁ ତ କଦଳି ଖାଇନି

କଟକ ସଦରର ଯୁବ ବିଧାୟକ ପ୍ରକାଶ ସେଠୀ ଅଳ୍ପ ଦିନରେ ଯେଉଁ 'ଇଂଗ୍ଲିସ ଏମ୍‌ଏଲ୍‌ଏ' ପରିଚୟ ପାଇଛନ୍ତି, ସେପରି ପରିଚିତି ବା ଲୋକପ୍ରିୟତା ପ୍ରାୟ ଅନ୍ୟ କୌଣସି ପଦ୍ମ ଦଳିଆ ବିଧାୟକଙ୍କ ଭାଗ୍ୟରେ ଜୁଟିନାହିଁ । ବିରୋଧୀ ତାଙ୍କ ଭାଷଣରୁ ଯେତେ ଖୁଣ ବାହାର କଲେ ବି ଅନର୍ଗଳ ଇଂରାଜୀ ଝାଡୁଥିବା ପ୍ରକାଶ ବାବୁଙ୍କ ଉପରେ ଏହାର ସାମାନ୍ୟତମ ପ୍ରଭାବ ପଡ଼ିନାହିଁ । ଯେ କୌଣସି ବିଷୟ ହେଉ ବା ଯେ କୌଣସି ପ୍ରସଙ୍ଗ; ପ୍ରକାଶବାବୁ କୌଣସି ସମୟରେ ଇଂରାଜୀ ଭାଷଣରୁ ବିରତ ହୋଇଥିବା କେହି ଦେଖି ନାହାନ୍ତି । ମାତ୍ର ତାଙ୍କ ପରି ଜଣେ ବୁଦ୍ଧିମାନ ବିଧାୟକ ଯେ ନିଜ ଫାଶରେ ନିଜେ ଫସିଯିବେ, ସେ କଥା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ନିକଟରେ ଭସାଣି ଶୋଭାଯାତ୍ରାବେଳେ କଟକରେ ଘଟିଥିବା ଅଘଟଣରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ କିଛି ଲୋକଙ୍କୁ ବାନ୍ଧିଛି ଓ କିଛି ଲୋକଙ୍କୁ ବାନ୍ଧିବାକୁ ଖୋଜାଖୋଜି କରୁଛି । ଏପରି ସମୟରେ ତାଙ୍କ ଲୋକମାନଙ୍କୁ ପୁଲିସ ହଇରାଣ ହରକତ କରୁଛି ଓ ବାନ୍ଧୁଛି ବୋଲି ପ୍ରକାଶଙ୍କ ଟିପ୍ପଣୀ କୁଆଡ଼େ ସୁସୁରି ମାରି କିଳା ନିମନ୍ତ୍ରଣ ପରି ହୋଇଛି । ପୁଲିସ ଗଣ୍ଡଗୋଳକାରୀଙ୍କୁ ଖୋଜୁଥିବାବେଳେ ଠାକୁର ଘର ଭିତରୁ ମୁଁ କଦଳି ଖାଇନି ବୋଲି ପ୍ରକାଶ ଚିତ୍କାର କରି ନିଜ ଦଳର ମାନମହତ ଧୂଳିସାତ କରିଛନ୍ତି ବୋଲି ତାଙ୍କ ଦଳର କିଛି ଇର୍ଷାପରାୟଣ ବିଧାୟକ ରାମମନ୍ଦିର ଆଖଡ଼ାର ମୁଖ୍ୟ କୁସ୍ତିଆଳଙ୍କ ନିକଟରେ ଫେରାଦ ହୋଇଥିବା ଖବର ମିଳିଛି । ପ୍ରକାଶ ଜଣେ ଦାୟିତ୍ୱପୂର୍ଣ୍ଣ ଜନ ପ୍ରତିନିଧିର ଦାୟିତ୍ୱ ପ୍ରକାଶ ଭୂଲି ଯାଇଛନ୍ତି ବୋଲି ଅଭିଯୋଗ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ କଥା ପ୍ରକାଶ ଶୁଣିଲେଣି ତ ? ■



## ଅସହାୟ ଅନୁଭବ

ସିନେମାରେ ମେଟ୍ରିକ୍ ଫେଲ୍ ଅଭିମନ୍ୟୁ ଏସିପି ରଣବୀର ହୋଇ ଆକାଶରେ ରଙ୍ଗ ଲଗାଇ ପାରେ । ଆମ ଭିତରେ କିଛି ଅଛି କି ବୋଲି ପ୍ରମାଣିତ କରିବାକୁ ସମ୍‌ଥିଂ ସମଥିଂ ଗୀତ ଗାଇପାରେ, ଅଭୟ ବାରବୁଲା ବି ପ୍ରେମକୁମାର ସେଲ୍‌ସମ୍ୟାନ ହୋଇପାରେ । ମାତ୍ର ଦର୍ଶକ ନ ଚାହିଁଲେ ବାଲୁଙ୍ଗା ଟୋକା ପ୍ରିୟ ଦିୱାନା ହୋଇ ପାରିବ ନାହିଁ । ତେଣୁ ସିନେମାରେ ଦର୍ଶକ ହିଁ ଭଗବାନ ଓ ସବୁ କ୍ଷେତ୍ରରେ ସମୟ ହିଁ ବଳବାନ । ସମୟ ସହ ତାଳ ଦେଇ ଚାଲି ନ ପାରିବା ଯୋଗୁଁ ବହୁ ବଡ଼ବଡ଼ ବ୍ରାଣ୍ଡ ସମୟାନ୍ତରେ କାଳର କବଳିତ ହୋଇ ବଜାରରୁ ଅଦୃଶ୍ୟ ହୋଇ ଯାଇଛି । ସମୟାନୁସାରେ ଉପଭୋକ୍ତାଙ୍କ ଆବଶ୍ୟକତା ଓ ରୁଚି ମେଣ୍ଟାଇବାରେ ଅସମର୍ଥ ହୋଇଥିବାରୁ ଭାରତୀୟ ବଜାରରୁ ହିନ୍ଦୁସ୍ତାନ ମୋଟରର ଆମ୍ବାସଡ଼ାର କାର୍‌ର ପତ୍ତା ଲିଭିଗଲା, ଏଚ୍‌ଏମ୍‌ଟି ଘଡ଼ି ବଜାରରୁ ଉଭାନ ହୋଇଗଲା । କ୍ୟାଭେଣ୍ଡର ଓ ଚାରମିନାରକୁ ବି ଲୋକ ଭୂଲିଗଲେ । ସମ୍ଭବତଃ ଏହି ସାଧାରଣ କଥାଟି ବାବୁ ଅନୁଭବ ବୁଝି ନାହାନ୍ତି । ସେତିକି ବୁଝି ପାରିଥିଲେ ସେ ସମ୍ଭବତଃ ହତାଶାବୋଧ ମଧ୍ୟରେ ଗତି କରୁ ନ ଥାନ୍ତେ କି ମୁଖ୍ୟମନ୍ତ୍ରୀଙ୍କୁ ଟ୍ୱିଟ୍ କରି ଓଡ଼ିଆ ସିନେମା ପଛରେ ଠିଆ ହେବାକୁ ଅନୁରୋଧ କରି ନ ଥାନ୍ତେ । ଅବଶ୍ୟ ଏ କଥା ସତ ଯେ କିଛି ଭଲ ଫିଲ୍ମ ଯୋଗୁଁ ଦୀର୍ଘଦିନର ବ୍ୟବଧାନ ପରେ ଦର୍ଶକ ଓଡ଼ିଆ ଫିଲ୍ମ ଦେଖିବାକୁ ପୁଣି ହଲ୍ ମୁହାଁ ହୋଇଛନ୍ତି । କିଛି ଓଡ଼ିଆ ଫିଲ୍ମ ବି ବଲିଉଡ୍ ଓ ଟଲିଉଡ୍ ଫିଲ୍ମକୁ ଟକ୍କର ଦେବାକୁ ସାମର୍ଥ୍ୟ ରଖିଛି । ମାତ୍ର ଯେଉଁଠି ଦର୍ଶକ କାନ୍ତରା ପାଇଁ ପାଗଳ, ସେଠି ସିନେମା ହଲ ମାଲିକ ଅନ୍ୟ ଫିଲ୍ମ କାହିଁକି ଚଳାଇ ନିଜର କ୍ଷତି କରିବେ ? ଏ କଥା କିଏ କାହାକୁ ବୁଝାଇବ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।